## ଭୁବନେଶ୍ୱରରେ ଆଉ ୫ ଆକ୍ରାନ୍ତ ମୃତ

ଭୁବନେଶ୍ୱର, (ବ୍ୟୁରୋ): ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୫ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୪୦୭ରେ ପହଞ୍ଚିଛି। ସେହିପରି ୨୪୬ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖଣ୍ଡଗିରିରୁ ୧୬ଜଣ, ବରମୁଣ୍ଡାରୁ ୧୩ଜଣ, ଚନ୍ଦ୍ରଶେଖରପୁରରୁ ୧୧ଜଣ, ନୟାପଲ୍ଲୀରୁ ୧୪ଜଣ, ପୁରୁଣା ଭୁବନେଶ୍ୱରରୁ ୮ଜଣ, ଜାଗମରାରୁ ୬ଜଣ, ଗଜପତି ନଗରରୁ ୭ଜଣ, ଡୁମୁଡୁମାରୁ ୬ଜଣ, ଏମ୍ସ ନଗରରୁ ୮ଜଣ, ବଡଗଡରୁ ୧୦ଜଣ, ଝାରପଡାରୁ ୬ଜଣ, ଗାଡକଣରୁ ୫ଜଣ, ବମିଖାଲରୁ ୨ଜଣ, ଚିନ୍ତାମଣିଶ୍ୱରରୁ ୪ଜଣ, ଶୈଳଶ୍ରୀ ବିହାରରୁ ୪ଜଣ, ପଟିଆରୁ ୮ଜଣ, ସାମନ୍ତରାପୁରରୁ ୨ଜଣ, ୟୁନିଟ-୭ରୁ ୪ଜଣ, ପାତ୍ରପଡାରୁ ୬ଜଣ, ନାଗେଶ୍ୱର ଟାଙ୍ଗୀରୁ ୩ଜଣ, ପୋଖରୀପୁଟରୁ ୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ୨୨ ହଜାର ଲୁଟ୍

ବାଲିପାଟଣା,୨୧।୬(ଡି.ଏନ୍.ଏ.): କରୋନା ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ ଜାରି ରହିଥିବା ବେଳେ ବାଲିପାଟଣା ଥାନା ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ସୋମବାର ସୂର୍ଯ୍ୟୋଦୟ ଫାଇନାନ୍ସ କମ୍ପାନୀର କର୍ମଚାରୀ ପ୍ରକାଶ ଚମ୍ପତିଙ୍କଠାରୁ ତିନିଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୨୨ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କଟକ ଜିଲା ନୋଦା ଓ ଗୋପାଳନଗର ଅଞ୍ଚଳରୁ ପ୍ରକାଶ ଟଙ୍କା ଆଦାୟ କରି ବାଇକ୍‌ରେ ବାଲିପାଟଣା ଥାନା ଅଧୀନ ବନମାଳୀପୁର ଅଭିମୁଖେ ଯାଉଥିଲେ। ଭାକରସାହି ନିକଟରେ ଦୁର୍ବୃତ୍ତମାନେ ହଠାତ୍ ତାଙ୍କୁ ବନ୍ଧୁକ ଦେଖାଇ ଡିକି ଭାଙ୍ଗି ୨୨ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ଫାଇନାନ୍ସ କମ୍ପାନୀ ପକ୍ଷରୁ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି। ସେହିପରି ବାଲିପାଟଣା ହାଟଠାରେ ରାସ୍ତା ପାର୍ଶ୍ୱରେ ରହିଥିବା ଏକ ଟ୍ରକ (ଡବ୍ଲ୍ୟୁ୩୩ସି ୨୨୯୭) ଚାଳକଙ୍କୁ କେତେଜଣ ଦୁର୍ବୃତ୍ତ ଧମକ ଦେବା ସହ ୧୨ଶହ ଟଙ୍କା ନେଇଯାଇଥିଲେ। ଏଥିସହ ଟ୍ରକ କାଚ ଭାଙ୍ଗି ଦେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ବାଲିପାଟଣା ଅଞ୍ଚଳର କାହ୍ନୁ ଭୋଇ, ଅଜୟ ମହାରଣା ଓ ସନାତନ ସେଠୀଙ୍କୁ ଗିରଫ କରିଥିଲା। ପରେ ଏକ ମାମଲା (ନଂ.୧୪୫/୨୧) ରୁଜୁ କରାଯାଇ ଏମାନଙ୍କୁ କୋର୍ଟଚାଲଣ କରାଯାଇଛି।

### ମନୋଜ ମହାପାତ୍ର ନନ୍ଦନକାନନର ନିର୍ଦ୍ଦେଶକ

ବାରଙ୍ଗ,୨୧।୬(ଡି.ଏନ୍.ଏ.): ନନ୍ଦନକାନନର ନୂତନ ନିର୍ଦ୍ଦେଶକ ଭାବେ ସୋମବାର ମନୋଜ କୁମାର ମହାପାତ୍ର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ସେ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଓ ୱାର୍କିଂପ୍ଲାନ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ତେବେ ପୂର୍ବରୁ ନନ୍ଦନକାନନରେ ସେ ଏସିଏଫ୍ ଦାୟିତ୍ୱରେ ଥିଲେ। ତାଙ୍କର ଦୀର୍ଘବର୍ଷର ଅଭିଜ୍ଞତା ରହିଛି। କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ସୁସମ୍ପର୍କ ରଖି ନନ୍ଦନକାନନର ସେ ବହୁତ ବିକାଶ କରିଛନ୍ତି। ନିର୍ଦ୍ଦେଶକ ଦାୟିତ୍ୱ ନେବା ପରେ କର୍ମଚାରୀଙ୍କ ମଧ୍ୟରେ ଖୁସିର ବାତାବରଣ ଖେଳିଯାଇଛି।

### ରାସ୍ତାରେ ବର୍ଷା ପାଣି, ଯାତାୟାତ ବାଧାପ୍ରାପ୍ତ

ବାରଙ୍ଗ,୨୧।୬(ଡି.ଏନ୍.ଏ.): ଅସରାଏ ବର୍ଷାରେ କଟକ ବାରବାଟୀ ନିର୍ବାଚନମଣ୍ଡଳୀର ସିଏମ୍‌ସିର ୩ନଂ. ୱାର୍ଡ ଅଧୀନ ଷଣ୍ଢପୁର ଓ ବେଣ୍ଟକାରପଡା ଗାଁର ପାଣି ଜମି ରହୁଛି। ଫଳରେ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରୁଛି। ପାଣି ନିଷ୍କାସନ ପାଇଁ ଡ୍ରେନ୍‌ର ସୁବିଧା ନ ଥିବା ବେଳେ ଅନ୍ୟପଟେ ରାସ୍ତା ଜବରଦଖଲ ଯୋଗୁ ସଙ୍କୁଚିତ ହେବାରୁ ଏଭଳି ସ୍ଥିତି ଉପୁଜୁଛି। ଏନେଇ ଉଭୟ ଗ୍ରାମବାସୀ ବାରମ୍ବାର ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସିଏମ୍‌ସି କର୍ତ୍ତୃପକ୍ଷ ଏହାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

### କରୋନାରେ କଂଗ୍ରେସ ନେତାଙ୍କ ପରଲୋକ

ଭୁବନେଶ୍ୱର,୨୧।୬: ପୂର୍ବତନ ମନ୍ତ୍ରୀ ତଥା ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପୁତ୍ର ଦେବୀପ୍ରସାଦ ମଲ୍ଲିକ (୫୮)ଙ୍କ ସୋମବାର କରୋନାରେ ମୃତ୍ୟୁ ଘଟିଛି। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ। କିଛି ଦିନ ପୂର୍ବେ ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବହୁ କଂଗ୍ରେସ ନେତା ଶୋକପ୍ରକାଶ କରିଛନ୍ତି। ଦେବୀପ୍ରସାଦ ୨୦୧୯ରେ କଂଗ୍ରେସ ପ୍ରାର୍ଥୀଭାବେ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନରେ କୋଭିଡ୍ ନିୟମ ଅନୁସାରେ ତାଙ୍କ ମୃତଦେହ ସଂସ୍କାର ହୋଇଛି।

# ପୁଣି ଆରମ୍ଭ ହେବ 'ଷ୍ଟେଜ୍ ଅନ୍ ହୁଇଲ୍'

**୪ର୍ଥ ପର୍ଯ୍ୟାୟ କୋଭିଡ୍ ସଚେତନତା ଅଭିଯାନ ପ୍ରସ୍ତୁତି**
- ୧୩ ଜିଲାରେ ଗଡ଼ିବ ରଥ
- କଳାକାରଙ୍କୁ ମିଳିବ ସୁଯୋଗ

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

ରାଜ୍ୟବାସୀଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିବା ପାଇଁ ସଚେତନତା ହେଉଛି ଅନ୍ୟତମ ଶକ୍ତିଶାଳୀ ଅସ୍ତ୍ର। ଏବେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେବା ସହ କୋଭିଡ୍ ସଚେତନତା ଅଭିଯାନ ଜାରି ରଖିଛନ୍ତି। ଇତିମଧ୍ୟରେ ତୃତୀୟ ପର୍ଯ୍ୟାୟ ଅଭିଯାନ ଶେଷ ହୋଇଥିଲାବେଳେ ଚତୁର୍ଥ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଚାଲିଥିବା ସଂସ୍କୃତି ବିଭାଗ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ କହିଛନ୍ତି। ସେ କହିଛନ୍ତି, ଏହି ପର୍ଯ୍ୟାୟରେ ୧୩ ଜିଲା ଅନୁଗୋଳ, ବଲାଙ୍ଗୀର, ବରଗଡ଼, ବୌଦ୍ଧ, ଭଦ୍ରକ, ଦେବଗଡ଼, ଝାରସୁଗୁଡ଼ା, କନ୍ଧମାଳ, ନୟାଗଡ଼, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ନବରଙ୍ଗପୁରରେ କୋଭିଡ୍ ସଚେତନତା ରଥ ଗଡ଼ିବ। ଏହି ଅବସରରେ କିଛି ସ୍ଥାନରେ ପୁଣି 'ଷ୍ଟେଜ୍ ଅନ୍ ହୁଇଲ୍' କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାଦ୍ୱାରା ଲୋକକଳାର କଳାକାରଙ୍କୁ କଳା ପରିବେଷଣ ସହ ଆର୍ଥିକ ସହାୟତା ମିଳିପାରିବ। ଏଥିସହିତ ଜନସାଧାରଣଙ୍କ ଅନୁରୋଧକ୍ରମେ ସ୍ଥାନୀୟ ଭାଷା ଯଥା- ସମ୍ବଲପୁରୀ ଓ ଦେଶିଆ ଭାଷାରେ ସଚେତନ କରାଯିବ। ସେଥିପାଇଁ ଗୀତ ପ୍ରସ୍ତୁତି ଚାଲିଥିବା ସେ ସୂଚନା ଦେଇଛନ୍ତି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପୂର୍ବରୁ ସଚେତନତା ଅଭିଯାନରେ 'ଷ୍ଟେଜ୍ ଅନ୍ ହୁଇଲ୍' ବଦଳରେ 'ଷ୍ଟେଜ୍ ଅନ୍ ଅଡିଓ ଭିଜୁଆଲ୍'କୁ ମାଧ୍ୟମ ଭାବେ ଗ୍ରହଣ କରାଯାଇଥିଲା। ଏଥିରେ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇଙ୍କ ୫ଟି ସଚେତନତା ଗୀତ ଓ ୩ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ବିଶିଷ୍ଟ ବ୍ୟକ୍ତିଙ୍କ ବାର୍ତ୍ତା ମଧ୍ୟ ଦିଆଯାଇଥିଲା। ଏହା ବିଶେଷ ସଫଳତା ହାସଲ କରିବା ସହ ଗ୍ରାମାଞ୍ଚଳରେ ଜନାଦୃତ ହୋଇଛି। ତୃତୀୟ ପର୍ଯ୍ୟାୟ ସଚେତନତା ଅଭିଯାନ ଶେଷ ସୁଦ୍ଧା ରାଜ୍ୟର ୧୨ ଜିଲା, ୨ ସହରାଞ୍ଚଳର ୧୬୫ ୱାର୍ଡ, ୧୪୭ ବ୍ଲକ୍ ଏବଂ ୧୧୬୯ ଗାଁରେ ରଥ ପହଞ୍ଚି ସଚେତନତା ବାର୍ତ୍ତା ବାଣ୍ଟିଛି। ରାଜ୍ୟ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ୟୁନିସେଫ୍‌ର ସହାୟତାରେ ଗତ ଡିସେମ୍ବର ମାସରୁ ଚାଲିଥିବା ଏହି ଅଭିଯାନକୁ ଦେଶର ଏକ ଅନନ୍ୟ କାର୍ଯ୍ୟକ୍ରମ ବୋଲି ୟୁନିସେଫ୍ ପକ୍ଷରୁ କୁହାଯାଇଛି।



ଭୁବନେଶ୍ୱର ସିଆର୍‌ପିଏଫ୍ କ୍ୟାମ୍ପସ୍‌ରେ ସୋମବାର ଅନୁଷ୍ଠିତ ଯୋଗ ଶିବିର।

## ସିଆର୍‌ପିଏଫ୍ କ୍ୟାମ୍ପରେ ଯୋଗ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୧।୬ (ବ୍ୟୁରୋ)

ନୟାପଲ୍ଲୀସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପସରେ ସୋମବାର ସପ୍ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସିଆର୍‌ପିଏଫ୍ ଓଡ଼ିଶା ସେକ୍ଟର ଆଇଜି ଏସ୍.କେ. ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାରୀରିକ ବିକାଶ ଓ ମାନସିକ ଶାନ୍ତି ପ୍ରଦାନ ପାଇଁ ଯୋଗ ଏକମାତ୍ର ମାଧ୍ୟମ ବୋଲି ମତ ଦେଇଥିଲେ। କରୋନା ମହାମାରୀ ସମୟରେ ନିଜକୁ ସୁସ୍ଥ ରଖିବା ପାଇଁ ଯୋଗ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ଡିଆଇଜି ଏମ୍‌ଡି. ରାଫିକ୍ ହୁସେନ୍, ଶିଳି ନିଧି ଝା, ରଘୁରାମ୍‌ଙ୍କ ସମେତ ବହୁ ଅଧିକାରୀ ଓ ଯବାନ ଉପସ୍ଥିତ ଥିଲେ।

## ମୁନି ଋଷିମାନେ ଯୋଗଦ୍ୱାରା ଅସମ୍ଭବକୁ ସମ୍ଭବ କରୁଥିଲେ

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

ଆମ ଭାଷା, ସାହିତ୍ୟ, ସଂସ୍କୃତିରେ ହଜାର ହଜାର ବର୍ଷ ଧରି ଯୋଗ ଶିକ୍ଷାର ପ୍ରଚଳନ ରହି ଆସିଛି। ଯୋଗୀମାନଙ୍କର ଈଶ୍ୱର ଥିଲେ ଭଗବାନ ଶ୍ରୀକୃଷ୍ଣ। ଏଣୁ ଯୋଗ ଦ୍ୱାରା କେବଳ ଶରୀର ରକ୍ଷା ନୁହେଁ, ବରଂ ଅସମ୍ଭବକୁ ଭାରତର ମୁନି ଋଷିମାନେ ସମ୍ଭବ କରିପାରୁଥିଲେ ବୋଲି ଆର୍ଯ୍ୟ ସମାଜ ଓଡ଼ିଶାର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସୋମବାର ସେଣ୍ଟ ଜାଭିୟର ସ୍କୁଲ୍ ସମୂହ ଓ ରୋଟାରୀ କ୍ଲବ ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ମିଳିତ ଯୋଗ ପ୍ରଦର୍ଶନ ଓ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଡ. ଜ୍ଞାନେନ୍ଦ୍ର ଏହା କହିଛନ୍ତି। କ୍ଲବ ସଭାପତି ତଥା ଶିକ୍ଷାବିତ୍ ଡ. ବଦ୍ରିନାଥ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନ୍‌ଲାଇନ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଡ.ବିଶ୍ୱରଞ୍ଜନ ରଥ ଯୋଗଦେଇ ଯୋଗର କେତେକ କୌଶଳ ପ୍ରଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ରୋଟାରିଆନ ଡ. ସୌରେନ୍ଦ୍ର ମହାପାତ୍ର, ନମିତା ମହାପାତ୍ର, ଡ. ନିବେଦିତା ପଟ୍ଟନାୟକ, ଜ୍ୟୋତିଶଙ୍କର ମହାନ୍ତି, ଅମ୍ବିକା ଦାସ ପଟ୍ଟନାୟକ ପ୍ରମୁଖ ଏଥିରେ ଭାଗ ନେଇଥିଲେ। ରୋଟାରିଆନ ସ୍ୱଗତ ରାଉତରାୟ ଧନ୍ୟବାଦ ଦେଇଥିଲେ।

# ଯୋଗ ହେଉଛି ବିଶ୍ୱକୁ ଭାରତର ଶ୍ରେଷ୍ଠ ଦାନ




ଭୁବନେଶ୍ୱର, ୨୧।୬(ବ୍ୟୁରୋ)

କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍ ପକ୍ଷରୁ ସୋମବାର ୭ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। 'ସୁସ୍ଥ ଜୀବନ ପାଇଁ ଯୋଗ' ଉପରେ ଭର୍ଚୁଆଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ଅବସରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବାର୍ତ୍ତା ପାଠ କରାଯାଇଥିଲା। ସାମନ୍ତ କହିଥିଲେ, ଯୋଗ ହେଉଛି ଭାରତର ପ୍ରାଚୀନ ପରମ୍ପରା ଏବଂ ଏହା ହେଉଛି ବିଶ୍ୱକୁ ଭାରତର ଶ୍ରେଷ୍ଠ ଦାନ। ନିଜକୁ ସୁସ୍ଥ ରଖିବା ପାଇଁ ଆମେ ସମସ୍ତେ ନିୟମିତ ଯୋଗାଭ୍ୟାସ ନିମନ୍ତେ ଶପଥ ନେବାକୁ ସେ ଆହ୍ୱାନ ଦେଇଥିଲେ। ବିଶେଷକରି କରୋନା ମହାମାରୀ ଭଳି ଚାପଗ୍ରସ୍ତ ଓ ପରୀକ୍ଷଣ ସମୟରେ ଯୋଗ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରିଥାଏ ବୋଲି ଅଚ୍ୟୁତ ସାମନ୍ତ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଓ କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଯୋଗାଭ୍ୟାସ ଉପଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଭର୍ଚୁଆଲ୍‌ରେ ଯୋଗାଭ୍ୟାସ କରାଯାଇଥିଲା।

## ଓଡିଏମ୍ ସ୍କୁଲ୍ ପାଳିଲା ଯୋଗ ଦିବସ



ଭୁବନେଶ୍ୱର,୨୧।୬(ବ୍ୟୁରୋ)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ସୋମବାର ଅନ୍ତର୍ଜାତୀୟ ଯୋଗ ଦିବସ ସୋମବାର ଭର୍ଚୁଆଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ 'ଯୋଗ ଆଟ୍ ହୋମ୍ - ଯୋଗ ଉଇଥ୍ ଫ୍ୟାମିଲ୍' ସ୍ଲୋଗାନ୍ ମାଧ୍ୟମରେ ଏକ କରୋନାମୁକ୍ତ ବିଶ୍ୱ ଗଠନ ତଥା ସୁସ୍ଥ ଏବଂ ନିରାମୟ ଜୀବନଯାପନ ପାଇଁ କାମନା କରାଯାଇଥିଲା। କରୋନା ମହାମାରୀ ସଙ୍କଟ ଦେଇ ବିଶ୍ୱ ଗତି କରୁଥିବାବେଳେ ଘରେ ରହି ପରିବାର ସହିତ ପ୍ରତ୍ୟହ ଯୋଗାଭ୍ୟାସ କରିବାକୁ ଡ. ମୀନକେତନ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗର ବିଭିନ୍ନ ଆସନ ଓ ପ୍ରାଣାୟାମ ଆଦି ଶିକ୍ଷାଲାଭ କରିଥିଲେ।

## ନାଲ୍‌କୋ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ




ଭୁବନେଶ୍ୱର,୨୧।୬

ବର୍ତ୍ତମାନ ସମୟରେ ଯୋଗ ହେଉଛି ଏକମାତ୍ର ଉପାୟ ଯାହା ଆମର ମନ ଓ ଶରୀରକୁ ସୁସ୍ଥ ରଖିଥାଏ। ଜୁନ ୨୧ ଆନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ନାଲକୋ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ନାଲକୋର ସିଏମଡି ଶ୍ରୀଧର ପାତ୍ରଙ୍କ ନେତୃତ୍ୱରେ ନାଲକୋର କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ସମ୍ପୂର୍ଣ୍ଣ ଉତ୍ସାହର ସହ ଏହି ଦିବସକୁ ପାଳନ କରିଛନ୍ତି। ଆର୍ଟ ଅଫ୍ ଲିଭିଙ୍ଗର ଯୋଗ ପ୍ରଶିକ୍ଷକ ଭୋଳନାଥ ଜେନାଙ୍କ ତତ୍ତ୍ୱାବଧାନରେ କମ୍ପାନୀର ଭୁବନେଶ୍ୱରସ୍ଥ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଆଭାସୀ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଲକୋ ମହିଳା ସମିତି ଅଧ୍ୟକ୍ଷା ସସ୍ମିତା ପାତ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀର ଉତ୍ପାଦନ ୟୁନିଟ୍, ବନ୍ଦର ସୁବିଧା ଏବଂ ଆଞ୍ଚଳିକ କାର୍ଯ୍ୟାଳୟ ଗୁଡକିର କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଧାରାବାହିକ ଶୁଟିଂ ପାଇଁ ଅନୁମତି ଦିଆଯାଉ

ଭୁବନେଶ୍ୱର, ୨୧।୬ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ପାଇଁ ସବୁଠି କଟକଣା। ଏଭଳି ସ୍ଥିତିରେ କରୋନା କୋପରେ ପ୍ରଭାବିତ ହୋଇଛି ରାଜ୍ୟ ସିନେ ଦୁନିଆ। ବିଶେଷ କରି କଟକଣା ଯୋଗୁ ଜୁନ୍ ୧୬ରୁ ସିରିଏଲ୍ ବା ଧାରାବାହିକ ଶୁଟିଂକୁ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି ରାଜ୍ୟ ସରକାର। ଫଳରେ କଳାକାର, ଟେକ୍ନିସିଆନଙ୍କ ଜୀବନଜୀବିକା ଗୁରୁତର ପ୍ରଭାବିତ ହୋଇଛି। ଅନେକଙ୍କ ରୋଜଗାର ବନ୍ଦ ହୋଇ ଯାଇଥିବାରୁ ପରିବାର ଚଳାଇବା କଷ୍ଟକର ହୋଇ ପଡିଲାଣି। ତେଣୁ ସରକାର ଶୁଟିଂ କରିବାକୁ ଅନୁମତି ଦେବା ପାଇଁ 'ଓଡ଼ିଆ କଳାକାରଙ୍କ ସ୍ୱର' ପକ୍ଷରୁ ଦାବି କରାଯାଇଛି।

ସଂଗଠନ ପକ୍ଷରୁ ସୋମବାର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ସରକାର କରୋନା ସମୟରେ ବିଭିନ୍ନ ହାଟ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନଗୁଡିକୁ ଖୋଲିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଧାରାବାହିକ ଶୁଟିଂକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦେଇଛନ୍ତି। ଏହା ଉପରେ ନିର୍ଭର କରି ଚଳୁଥିବା ଅନେକ ବ୍ୟକ୍ତି ତାଙ୍କର ରୋଜଗାର ହରାଇଛନ୍ତି। ପାଖରେ ଟଙ୍କା ନ ଥିବାରୁ ଏତେ ଦିନ ଧରି ପରିବାର ଚଳାଇବା କଷ୍ଟକର ହୋଇ ପଡିଲାଣି। ତେଣୁ ଆସନ୍ତା ଜୁଲାଇରୁ ୨୦/୨୫ଜଣ ଅଭିନେତା, ଅଭିନେତ୍ରୀ ଓ ଟେକ୍ନିସିଆନ୍‌ଙ୍କୁ ନେଇ ଶୁଟିଂ କରିବାକୁ ଅନୁମତି ଦେବା ପାଇଁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ରାଜ୍ୟର ବିଭିନ୍ନ ସ୍ଥାନରେ କଳାକାରମାନେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସଂଗଠନ ଚେତାବନୀ ଦେଇଛି।

## ୧୭ ଜିଲାରେ ସେଲୁନ, ପାର୍ଲର ଖୋଲୁ

ଭୁବନେଶ୍ୱର, ୨୧।୬ (ବ୍ୟୁରୋ)

କରୋନା ସଂକ୍ରମଣ କମିବା ପରେ ରାଜ୍ୟ ସରକାର ୧୭ ଜିଲାରେ ଲକ୍‌ଡାଉନ କଟକଣା କୋହଳ କରିଛନ୍ତି। ହେଲେ ସେଲୁନ ଓ ପାର୍ଲର ବନ୍ଦ ରହିଥିବାରୁ ରାଜ୍ୟର ୨୭ ଲକ୍ଷରୁ ଊର୍ଦ୍ଧ୍ୱ ବାରିକ ଓ ସେମାନଙ୍କ ପରିବାର ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି ବୋଲି ନିଖିଳ ଉତ୍କଳ ବାରିକ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ସରକାର ଏ-ଗ୍ରେଡ଼ରେ ଥିବା ୧୭ ଜିଲାରେ ସେଲୁନ ଓ ପାର୍ଲର ଖୋଲିବାକୁ ଅନୁମତି ଦେବାକୁ ରାଜ୍ୟ ସଭାପତି ହେମନ୍ତ କୁମାର ବାରିକ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ରାଜ୍ୟସଭା ସଦସ୍ୟ ସୁବାସ ସିଂଙ୍କୁ ଇ-ମେଲରେ ଦାବିପତ୍ର ପଠାଯାଇଛି।

# ଶିଶୁଙ୍କ ମୁହଁରେ ସ୍ୱପ୍ନର ଓଡ଼ିଶା

ଭୁବନେଶ୍ୱର, ୨୧।୬ (ବ୍ୟୁରୋ)

ପ୍ରବାସୀ ଓଡ଼ିଆ ବୁଦ୍ଧିଜୀବୀ ଅନୁଷ୍ଠାନ 'ଓଡିଶା ପଜିଟିଭ୍' ପକ୍ଷରୁ ଭର୍ଚୁଆଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ତଥା ଭାରତ ସମେତ ଆମେରିକା, କାନାଡ଼ା ଓ ମାଲେସିଆ ଆଦି ବିଭିନ୍ନ ଦେଶରୁ ୧୫ଜଣ ଶିଶୁ ଅଂଶ ଗ୍ରହଣ କରି ସ୍ୱପ୍ନର ଓଡ଼ିଶା ବିଷୟରେ ଓଡ଼ିଆରେ କହିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ବାଲୁକା ଶିଳ୍ପୀ ତଥା ଓଡିଶା ଲଳିତ କଳା ଏକାଡେମୀର ସଭାପତି ସୁଦର୍ଶନ ପଟ୍ଟନାୟକ ଯୋଗ ଦେଇଥିଲେ। ଆମେ ରାଜ୍ୟର ସମୃଦ୍ଧିର ସ୍ୱପ୍ନ ଦେଖିବା ଉଚିତ ବୋଲି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ କହିଥିଲେ। ଆଗାମୀ ପିଢ଼ିକୁ ପ୍ରତିନିଧିତ୍ୱ କରୁଥିବା ଶିଶୁଙ୍କ ସ୍ୱପ୍ନକୁ ଯଥାଯଥ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ଶିଳ୍ପୀ ସୁଦର୍ଶନ କହିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ସଂଜୀବ କୁମାର ମହାନ୍ତି, ଧୀରେନ୍ଦ୍ର କର, କାନାଡ଼ାର ଟରୋଣ୍ଟୋରୁ ସାହିତ୍ୟିକ ପ୍ରଶାନ୍ତ ଭୂୟାଁ ଉପସ୍ଥିତ ଥିଲେ। ନିହାର ଶତପଥୀ ଧନ୍ୟବାଦ ଦେଇଥିଲେ।

# ୨ ବର୍ଷର ରିପୋର୍ଟ କାର୍ଡ ରଖିଲେ ଅପରାଜିତା

ଭୁବନେଶ୍ୱର, ୨୧।୬(ବ୍ୟୁରୋ)



ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଏମ୍‌ପି ଭାବେ ୨ ବର୍ଷ ପୂରଣ କରିବାପରେ ସୋମବାର ଏକ ଖବରଦାତା ସମ୍ମିଳନୀ କରି ନିଜ କାର୍ଯ୍ୟର ରିପୋର୍ଟ କାର୍ଡ ଦେଇଛନ୍ତି। ଅପରାଜିତା କହିଛନ୍ତି, ବିକାଶମୂଳକ କାର୍ଯ୍ୟକ୍ରମ, ଜନଶୁଣାଣି, ସଂସଦୀୟ ଅଂଶଗ୍ରହଣ ଭଳି ବିଭିନ୍ନ ଦିଗରେ ନିଜ କାର୍ଯ୍ୟ ସମ୍ପର୍କରେ ସେ ସବିଶେଷ ତଥ୍ୟ ସୋମବାର ଉପସ୍ଥାପନ କରିଛନ୍ତି। ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏନ୍‌ଏଚ୍‌ଏଆଇର ୧୧୪ କୋଟି ପ୍ରକଳ୍ପକୁ ଏହି ଭିତରେ ଅନୁମୋଦନ ମିଳିଛି। ଏଥିରେ ହଂସପାଳ ଫ୍ଲାଏଓଭର, ୩ଟି ଭେଇକଲ ଅଣ୍ଡର ପାସ୍, ୩ଟି ପୋଲ ରହିଛି। ଭୁବନେଶ୍ୱରବାସୀଙ୍କ ଦୀର୍ଘଦିନ ଧରି ଦାବି ପୂରଣ କରିବାକୁ ପଦକ୍ଷେପ ନିଆଯାଇଛି। ଲମ୍ବା ସମୟ ଧରି ପଡ଼ି ରହିଥିବା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଭୁବନେଶ୍ୱରର ବିଭିନ୍ନ ଡ୍ରେନ୍, କଲଭର୍ଟ, କେନାଲର ନିର୍ମାଣ ପାଇଁ ୫୨ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। ଗତବର୍ଷ ଭିତରେ ୨୧୫୦ ଜଣଙ୍କ ଅଭିଯୋଗ ଶୁଣାଣି ହୋଇ ୨୧୦୬ଟି ଅଭିଯୋଗର ସମାଧାନ ହୋଇଛି। ପିଏମ୍ ରିଲିଫ ଫଣ୍ଡ ଦ୍ୱାରା ୨୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଲୋକଙ୍କୁ କରାଯାଇଛି। ଲୋକ ସଭାରେ ୬ଟି ବିତର୍କରେ ୩୭ ପ୍ରଶ୍ନ ଉପସ୍ଥାପନା କରି ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଲୋକଙ୍କ ପ୍ରସଙ୍ଗ ଉଠାଯାଇଛି। କେନ୍ଦ୍ର ସରକାରଙ୍କ ନିକଟରେ ଲୋକଙ୍କ ବିକାଶ ଓ ଦାବିକୁ ଉଠାଯାଇଛି ବୋଲି ସେ କହିଛନ୍ତି।

# ପ୍ରେମରେ ଜିତିଲେ, ଓଡ଼ିଶା ବୋହୂ ହେଲେ ୟୁପି ଯୁବତୀ

- କୋର୍ଟରେ ଲଢ଼ିଲେ, ପୃଥ୍ୱୀରାଜଙ୍କ ହାତ ଧରିଲେ
- ନିରାପଦରେ ଓଡ଼ିଶାରେ ରହିବି : ଆକାଂକ୍ଷା

ଭୁବନେଶ୍ୱର,୨୧।୬(ବ୍ୟୁରୋ)



ନିଜ ପ୍ରେମକୁ ପାଇବା ପାଇଁ ଉତ୍ତରପ୍ରଦେଶରୁ ଓଡ଼ିଶା ଚାଲି ଆସିଥିଲେ। ଏବେ ଭୁବନେଶ୍ୱର କୋର୍ଟରେ ଲଢ଼ି ଜିତିଲେ ୟୁପି ଗୋରଖପୁରର ଝିଅ ଆକାଂକ୍ଷା ସିଂ। ପରିବାର ଲୋକଙ୍କ ହାତ ଛାଡି ଭୁବନେଶ୍ୱର ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ଓଡ଼ିଆ ପୁଅ ପୃଥ୍ୱୀରାଜ ପଣ୍ଡାଙ୍କ ହାତ ଧରିଛନ୍ତି। ପ୍ରେମକୁ ପାଇ ସେ ନିରାପଦରେ ଓଡିଶାରେ ରହିବେ ବୋଲି ଆକାଂକ୍ଷା କହିଛନ୍ତି।

ସୂଚନା ମୁତାବକ, ପୃଥ୍ୱୀରାଜ ଗୋରଖପୁରରେ ଚାକିରି କରୁଥିବାବେଳେ ଅକାଂକ୍ଷାଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କିନ୍ତୁ ଆକାଂକ୍ଷାଙ୍କ ପରିବାର ଲୋକେ ପୃଥ୍ୱୀରାଜଙ୍କ ସହ ଝିଅର ବିବାହକୁ ବାରଣ କରୁଥିଲେ। ଫଳରେ ଗତ ୧୫ ତାରିଖରେ ପୃଥ୍ୱୀରାଜଙ୍କ ସହ ଆକାଂକ୍ଷା ଭୁବନେଶ୍ୱର ଚାଲିଆସିଥିଲେ। ପରିବାର ଲୋକେ ଝିଅକୁ ନାବାଳିକା ଦର୍ଶାଇବା ସହ ଥାନାରେ ଅପହରଣ ଅଭିଯୋଗ କରିଥିଲେ। ଏହାପରେ ପରିବାର ଲୋକେ ଗୋରଖପୁର ପୋଲିସ ସହ ଓଡିଶାରେ ପହଞ୍ଚିଥିଲା। ଅପହରଣ ମାମଲାରେ ପୃଥ୍ୱୀରାଜଙ୍କୁ ଗିରଫ କରିବା ସହ ଝିଅକୁ ନେବାକୁ କମିଶନରେଟ ପୋଲିସ ଉପରେ ଚାପ ପକାଇଥିଲେ। ମାତ୍ର ଝିଅ ସାବାଳିକା ଥିବା ଓ ୟୁପିରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇଥିଲେ। ଫଳରେ ଦୁଇ ରାଜ୍ୟର ପୋଲିସ ମୁହାଁମୁହିଁ ହୋଇଥିଲେ। ଏୟାରଫିଲ୍ଡ ଥାନା ପୋଲିସ ୟୁପି ପୋଲିସକୁ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ବାରଣ କରିଥିଲା। ସୋମବାର ସିଆର୍‌ପିସିର ଧାରା ୧୬୪ ଅନୁଯାୟୀ ସିଜେଏମ୍‌ଙ୍କ କୋର୍ଟରେ ଆକାଂକ୍ଷାଙ୍କ ବୟାନ ରେକର୍ଡ କରାଯାଇଥିଲା। ଆକାଂକ୍ଷା କୋର୍ଟରେ ନିଜ ମାଟ୍ରିକ ସାର୍ଟିଫିକେଟ ଦେଖାଇବା ପରେ ସେ ସାବାଳିକା ଥିବା ସ୍ପଷ୍ଟ ହୋଇଥିଲା। ଏଥିସହ ସେ ନିଜ ଇଚ୍ଛାରେ ଘରୁ ଆସିଥିବା ଓ ପୃଥ୍ୱୀରାଜଙ୍କୁ କୋର୍ଟରେ ବିବାହ କରି ଖୁସିରେ ଥିବା କହିଥିଲେ। ଏପରିକି ସେ ପରିବାର ଲୋକଙ୍କ ସହ ୟୁପି ଫେରିଯିବାକୁ ମନା କରିଦେଇଥିଲେ। କୋର୍ଟ ସମସ୍ତ କାଗଜପତ୍ର ଦେଖିବା ସହ ଆକାଂକ୍ଷାଙ୍କ ବୟାନ ଶୁଣିବା ପରେ ତାଙ୍କୁ ଓଡ଼ିଶାର ବୋହୂ ରୂପେ ରହିବାକୁ ଅନୁମତି ଦେଇଥିଲେ। ଫଳରେ ୟୁପି ପୋଲିସ ଓ ଆକାଂକ୍ଷାଙ୍କ ପରିବାର ଲୋକେ ନିରାଶରେ ଫେରିଥିବା ଜଣାପଡିଛି।

## ସଂକ୍ଷେପରେ

### ପାଇପ୍ ଚୋରି ଘଟଣାରେ ଜଣେ ଗିରଫ

**ଜଟଣୀ,୨୧।୬(ଡି.ଏନ୍.ଏ.):** ଲୁହା ପାଇପ୍ ଚୋରି ଘଟଣାରେ ଜଟଣୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବରପଦା ଗ୍ରାମର ଅନିଲ କୁମାର ରାଉତରାୟ୍। ସୂଚନା ମୁତାବକ, ୱାଟ୍‌କୋ ଡିଭିଜନ୍-୨ ଖୋର୍ଦ୍ଧାର ପ୍ରବନ୍ଧକ ଭାଗୀରଥି ଦାସ ପାଇପ୍ ଚୋରି ହୋଇଥିବା ନେଇ ଗତ ୨୦ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୯୪/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

### ପାଠପଢ଼ା ପଚାରି ବୁଝିଲେ ବ୍ଲକ ଶିକ୍ଷାଧିକାରୀ

**ଝାଁଳା,୨୧।୬(ଡି.ଏନ୍.ଏ.):** ପ୍ରଥମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷାଦର୍ପଣ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଠାରୁ ୟୁଟ୍ୟୁବରେ ଶିକ୍ଷାଦାନର ଶୁଭାରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ଘରେ ବସି ୟୁଟ୍ୟୁବରେ ପାଠ ପଢ଼ିପାରିବେ। ଜଟଣୀ ବ୍ଲକର ନୂତନ ଶିକ୍ଷାଧିକାରୀ ରଶ୍ମିବାଳା ପରିଡା ଝାଁଳା ପଞ୍ଚାୟତର ରାଧାଚରଣପୁରରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ରୁଦ୍ର ପ୍ରକାଶଙ୍କ ଘରେ ପହଞ୍ଚିଥିଲେ। ପରେ ନବମ ଶ୍ରେଣୀରେ ପଢୁଥିବା ଝାଁଳାର ବି.କେ.ବଦ୍ରିନାଥ ବାରିକଙ୍କ ଘରକୁ ଯାଇ ପାଠପଢ଼ାର ତଦାରଖ କରିଥିଲେ। ଏହି ପରିଦର୍ଶନ ବେଳେ କୃଷ୍ଣଚନ୍ଦ୍ର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ ମାଝି, ଝୁମୁରୀ ସାହୁଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

### ୩୯ ୟୁନିଟ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୧।୬:** ଓଡ଼ିଶା ମୋ ପରିବାର ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶିବିର ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲା ସଂଯୋଜକ ଦିଲୀପ କୁମାର ହୋତା ସଂଯୋଜନ କରିଥିଲେ। ୩୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପ୍ରସନ୍ନ ସାମନ୍ତରାୟ୍, କମଳ ଜଗଦେବ, ବିସ୍ମୟ ପ୍ରଧାନ, ସୁବାସ ପ୍ରଧାନ, ଶ୍ରୀରାମ ପ୍ରସାଦ ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ। ରକ୍ତଭଣ୍ଡାର ଟିମ୍ ରକ୍ତ ସଂଗ୍ରହ କରିଥିଲେ।

### ୬୦ ମନ୍ଦିର ପୂଜକ, ସେବାୟତଙ୍କୁ ସହାୟତା



**ଖୋର୍ଦ୍ଧା ଅଫିସ,୨୧।୬:** କରୋନା ସମୟରେ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ ସରକାର କଟକଣା ଜାରି କରିଛନ୍ତି। ମନ୍ଦିର ପୂଜକଙ୍କ ଦୈନିକ ଆୟ କମିଯାଇଛି। ବିନା ଭକ୍ତଙ୍କ କେବଳ ରୀତିନୀତି ଚାଲିଛି। ଏଭଳି ସମୟରେ ମନ୍ଦିର ପୂଜକ, ସେବାୟତଙ୍କୁ ସହଯୋଗର ହାତ ବଢ଼ାଇଛି ହିନ୍ଦୁ ଜାଗରଣ ମଞ୍ଚ। ସୋମବାର ମଞ୍ଚ ପକ୍ଷରୁ ଖୋର୍ଦ୍ଧାର ବିଭିନ୍ନ ମନ୍ଦିରର ପ୍ରାୟ ୬୦ଜଣ ସେବାୟତ, ପୂଜକଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି। ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର, ରାଧାବଲ୍ଲଭ, ସ୍ୱପ୍ନେଶ୍ୱର ମନ୍ଦିର ଠାରେ ସେବାୟତଙ୍କୁ ରାସନ ସାମଗ୍ରୀ ଦିଆଯାଇଥିଲା। ହିନ୍ଦୁ ଜାଗରଣ ମଞ୍ଚର ଉତ୍କଳ ପୂର୍ବ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ତନ୍ମୟ ଦାସ, ବଜେନ୍ଦ୍ର ଚୌଧୁରୀଙ୍କ ସମେତ କିଶୋର ଚନ୍ଦ୍ର ବରାଳ, ରାକେଶ ଦେବ, ଚନ୍ଦନ ପାଣଶାଣୀ, ସଞ୍ଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅଟୋ ସହ ମଦ ଜବତ

**ଜଟଣୀ,୨୧।୬(ଡି.ଏନ୍.ଏ.):** ଜଟଣୀ ଥାନା ପାଟ୍ରୋଲିଂ ଟିମ୍ ସୋମବାର ଏକ ଅଟୋ ସହ ୧୪୫ ଲିଟର ମଦ ଜବତ କରିଛି। ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ପୋଲିସ ପାଟ୍ରୋଲିଂ ଗାଡିକୁ ଦେଖି ଜଣେ ଅଟୋଚାଳକ ଗାଡି ଛାଡ଼ି ପଳାଇଥିଲେ। ପୋଲିସ ପହଞ୍ଚି ମଦ ଓ ଅଟୋ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୯୬/୨୧) ରୁଜୁ ହୋଇଛି।

### ବୁଲା ପ୍ରାଣୀଙ୍କୁ ଖାଦ୍ୟ

**ଜଟଣୀ, ୨୧।୬(ଡି.ଏନ୍.ଏ):** ଜଟଣୀ ସହରର ବୁଲା କୁକୁର ଓ ଷଣ୍ଢଙ୍କୁ ଶାନ୍ତିଲତା ଦାସ ସ୍ମୃତି କମିଟି ଏବଂ ପାଣ୍ଡବ ଜେନା ଫାଉଣ୍ଡେଶନ ପକ୍ଷରୁ ଏକମାସ ହେଲା ରନ୍ଧା ଖାଦ୍ୟ ଦିଆଯାଉଛି। ସ୍ମୃତି କମିଟିର ଜ୍ଞାନ ସାହୁ, ଆଇନଜୀବୀ ଅକ୍ଷୟ ଦାସ, ବ୍ୟବସାୟୀ ସନ୍ତୋଷ ସାହୁ, ବାହୁଡା ବାବୁ ଏବଂ ଛବି ପାଇକରାୟ ପ୍ରମୁଖ ପ୍ରତିଦିନ ସହରର ବିଭିନ୍ନ ସ୍ଥାନ ବୁଲି ଏହି ପ୍ରାଣୀମାନଙ୍କୁ ଖାଦ୍ୟ ପ୍ରଦାନ କରୁଛନ୍ତି।

# ଖଣିଜ ସମ୍ପଦ ଚୋରା ଚାଲାଣ

## ସରକାର ହରାଉଛନ୍ତି ବିପୁଳ ରାଜସ୍ୱ

- ଗଳାବାଟ ଦେଇ ଖସିଯାଉଛନ୍ତି ଚାଲାଣକାରୀ
- ପଛରେ ବଡ଼ବଡ଼ିଆ ଓ ରାଜନେତାଙ୍କ ହାତ

**ଖୋର୍ଦ୍ଧା ଅଫିସ,୨୧।୬**

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ହରିଲୁଟ ଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକରେ ମାଙ୍କଡ଼ା ପଥର, ମୋରମ, ବାଲି, କଳାମୁଗୁନି ପଥର, ବଉଳାମାଳା (ମନ୍ଦିର ନିର୍ମାଣରେ ବ୍ୟବହୃତ ମୂଲ୍ୟବାନ ପଥର) ଚୋରା ଚାଲାଣ କରୁଛନ୍ତି। ବେଆଇନ ଭାବେ ପାହାଡ଼ ଖନନ ଚାଲିଛି। ଏଠାରୁ ଜିଲା ବାହାରକୁ ପଥର ଚାଲାଣ ହେଉଛି। ପ୍ରଶାସନର ବାରମ୍ବାର ଚଢ଼ାଉ, ଜରିମାନା ଆଦାୟ ସତ୍ତ୍ୱେ କୌଣସି ଫରକ ପଡୁନାହିଁ। କରୋନା କାଳରେ କ୍ଲାଉନ ଓ ଶଟ୍‌ଡାଉନ ମାଫିଆଙ୍କୁ ସୁଆଉଛି। ପାୱାର ଟିଲର, ମେଶିନ ଦ୍ୱାରା ଏକର ଏକର ଜମିରୁ ମାଙ୍କଡ଼ା ପଥର କାଟି ନେଉଛନ୍ତି। ଏମାନଙ୍କ ନଜରରେ ଶ୍ରୀମନ୍ଦିର ପ୍ରଶାସନର ଜମି, ଗୋଚର ଓ ସରକାରୀ ଜମି ରହିଛି। କାଜୁ ଜଙ୍ଗଲ ସମେତ ତାପଙ୍ଗ ମୁଣ୍ଡିଆ, ଟାଙ୍ଗୀ, ଆରିଆପଡ଼ା ବୃଷବନ୍ଧ ପାହାଡ, ୧୬ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱସ୍ଥ ପାହାଡ଼ରୁ ବ୍ୟାପକ ଭାବେ ମୋରମ, ମାଙ୍କଡ଼ା ପଥର ବେଆଇନ ଭାବେ ଚାଲାଣ କରାଯିବା ଫଳରେ ସରକାରଙ୍କ ବିପୁଳ ଟଙ୍କାର ରାଜସ୍ୱ ହରାଉଛନ୍ତି।

ଖୋର୍ଦ୍ଧାରୁ ଟାଙ୍ଗୀ ପର୍ଯ୍ୟନ୍ତ ରାସ୍ତା ଉଭୟ ପାର୍ଶ୍ୱ ପାହାଡ଼ରୁ ମୋରମ ଚାଲାଣ ଯୋଗୁ ବଡ ବଡ ଖାଲ ସୃଷ୍ଟି ହୋଇଛି। ଅସରାଏ ବର୍ଷା ହେଲେ ପାଣି ଜମିରହୁଛି। ଗୋରୁ, ଛେଳି ପଡ଼ି ଆହତ ହେଉଛନ୍ତି। ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜାତୀୟ ରାଜପଥ ପାର୍ଶ୍ୱ କିଛି ସ୍ଥାନ ଏମାନଙ୍କ ଗଳାବାଟ ସାଜିଛି। ପ୍ରଶାସନ ପକ୍ଷରୁ ଖଣିରେ ଚଢ଼ାଉ ହେଉଛି। ମେଶିନ, ଗାଡ଼ି ଜବତ କରାଯାଉଛି। ମାତ୍ର ମାଫିଆ ଖସିଯାଉଛନ୍ତି। ଚୋରା ଚାଲାଣ ପଛରେ ରାଜନୈତିକ ବ୍ୟକ୍ତି, ବଡ଼ବଡିଆଙ୍କ ହାତ ଥିବା ସାଧାରଣରେ ଅଭିଯୋଗ ହେଉଛି। ପ୍ରଶାସନ ଓ ପୋଲିସ ନୀରବଦ୍ରଷ୍ଟା ସାଜିଛି। ଏପରି କି ପ୍ରଶାସନର ଚଢ଼ାଉ ପୂର୍ବରୁ ଚାଲାଣକାରୀଙ୍କୁ ଆଗୁଆ ସୂଚନା ମିଳିଯାଉଛି। ଫଳରେ ନମ୍ବର ବିହୀନ ଗାଡ଼ି, ଫିଟନେସ ନ ଥିବା ପାୱାଟ ଟିଲର ଛାଡ଼ି ଚାଲାଣକାରୀ ଚମ୍ପଟ ମାରୁଛନ୍ତି। ଦୈନିକ ଚିଲିକାଠାରୁ ବୋଲଗଡ ଏବଂ ମହୁଲଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ତଳି ଅଞ୍ଚଳର ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ନିକଟକୁ ଦୌଡୁଛନ୍ତି। ବେଆଇନ ପଥର ଖନନ, ବ୍ଲାଷ୍ଟିଂ, ଚାଲାଣ ରୋକିବା ସହ ଗୋଚର, ଶ୍ରୀମନ୍ଦିର ପ୍ରଶାସନ ଜମିକୁ ସୁରକ୍ଷା ଦେବାକୁ ଦାବି କରୁଛନ୍ତି। ମାତ୍ର ପ୍ରଶାସନ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ କହି ଚୁପ୍ ବସୁଛି। ଏସ୍‌ଟିଏଫର ବାରମ୍ବାର ଚଢାଉ ଫଳରେ ମାଫିଆଙ୍କ ମଧ୍ୟରେ ଛନକା ପଶିଥିଲା। ତେବେ କିଛି ଦିନ ପରେ ଏହା ଶୀଥିଳ ପଡ଼ିଗଲା। ଖୋର୍ଦ୍ଧା ଅଞ୍ଚଳରେ ଥିବା ପଥର ଖଣି, ମାଙ୍କଡା ଚାଲାଣ ବାବଦକୁ ଦୈନିକ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ କ୍ଷତି ହେଉଛି ବୋଲି କେତେଜଣ ଖଣି ମାଲିକ କହିଛନ୍ତି। ଖଣି ମାଫିଆଙ୍କ ଉପରେ କଟକଣା ଜାରି ନ ହେଲେ ଭବିଷ୍ୟତରେ ଖୋର୍ଦ୍ଧାରୁ ଲଘୁ ଖଣିଜ ସମ୍ପଦ ଲୋପ ପାଇଯିବା ସହ ଚାରିଆଡ଼େ ମରୁଭୂମି ପାଲଟିବ ବୋଲି ପରିବେଶବିତମାନେ ମତ ଦେଇଛନ୍ତି।

ଅନ୍ୟପକ୍ଷରେ ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି, ଗତବର୍ଷ ଠାରୁ ବେଆଇନ ପଥର ଖାଦାନ ଉପରେ ପ୍ରଶାସନ ଓ ପୋଲିସର ମିଳିତ ଚଢାଉ ଜାରି ରହିଛି। ଜରିମାନା ଆଦାୟ କରାଯାଉଛି। ଗତବର୍ଷ ୧.୮୪କୋଟିଟଙ୍କା ଜରିମାନା ଆଦାୟ ହୋଇଥିବାବେଳେ ୨୦୨୦-୨୧ ବର୍ଷର ବର୍ତ୍ତମାନ ସୁଦ୍ଧା ୨.୫୨ କୋଟି ଟଙ୍କା ଆଦାୟ କରାଯାଇଛି। ଲଘୁ ଖଣିଜ ଚୋରା ଚାଲାଣ ରୋକିବା ଲାଗି ୨ ଟାସ୍କଫୋର୍ସ ଗଠନ କରାଯାଇଛି। ଆଗକୁ ଚଢ଼ାଉ ଜୋରଦାର କରାଯିବ। କୌଣସି ବେଆଇନ ଚୋରା ଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ।

### ୩ ପାୱାରଟିଲର, ୨ ମିନିଟ୍ରକ୍ ଜବତ



ଜବତ ପାୱାରଟିଲର।

**ଖୋର୍ଦ୍ଧା ଅଫିସ,୨୧।୬:** ଖୋର୍ଦ୍ଧା ଉପଖଣ୍ଡ ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ଉପରେ ଚଢ଼ାଉ ଜାରି ରହିଛି। ସୋମବାର ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ ବିଭିନ୍ନ ପଥର ଖଣିରେ ଚଢ଼ାଉ କରି ପଥରକଟାରେ ବ୍ୟବହୃତ ୩ ପାୱାରଟିଲର, ୨ଟି ମିନିଟ୍ରକ୍ ଜବତ କରିଛନ୍ତି। ତହସିଲଦାର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ସହିତ ବିଭିନ୍ନ ଖଣିରେ ଚଢ଼ାଉ କରିଥିଲେ। କଦଳୀବାଡିରୁ ୨ଟି ପଥର ବୋଝେଇ ମିନିଟ୍ରକ, କାଇପଦର ଅଞ୍ଚଳରେ ଥିବା ଖଣିରୁ ୨ଟି ଓ କୁମାରବସ୍ତାରୁ ଗୋଟିଏ ପାୱାରଟିଲର ଜବତ କରିଥିଲେ। ଆଗାମୀ ଦିନରେ ଖୋର୍ଦ୍ଧା ତହସିଲରେ ଏହି ଚଢ଼ାଉକୁ ଯୋରଦାର କରାଯିବ ବୋଲି ତହସିଲଦାର ସାହୁ କହିଛନ୍ତି। ଅନ୍ୟପଟେ ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି,ସୋମବାର ବିଭିନ୍ନ ଖଣିଜ ଚୋରାଚାଲାଣ ନେଇ ୧ଲକ୍ଷ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରୁ ଟାଙ୍ଗୀ ତହସିଲରୁ ୧ଲକ୍ଷ ଟଙ୍କା ଏବଂ ବୋଲଗଡ଼ ତହସିଲରୁ ୩୦ହଜାର ଟଙ୍କା ଆଦାୟ ହୋଇଛି।

## ତାରିଣୀ ମନ୍ଦିରରୁ ଚୋରି

### ମୁକୁଟ, ଚିତା, ହୁଣ୍ଡିବାକ୍ସ ନେଇଗଲେ

**ଖୋର୍ଦ୍ଧା ଅଫିସ,୨୧।୬**

ଗତ କିଛିଦିନ ହେଲା ଖୋର୍ଦ୍ଧା ସହରରେ ଆପରାଧିକ କାର୍ଯ୍ୟକଳାପ ବଢିଚାଲିଛି। ଦୁଇ ସପ୍ତାହରେ ଦୁଇଟି ଡକାୟତି ଗ୍ୟାଙ୍ଗ ଧରାପଡ଼ିଥିବାବେଳେ ରବିବାର ବିଳମ୍ବିତ ରାତିରେ ନବୀନାବାଗ ତାରିଣୀ ମନ୍ଦିର ଗ୍ରୀଲ ତାଡ଼ି ଠାକୁରାଣୀଙ୍କ ରୁପା ମୁକୁଟ, ଚିତା, ଆଖି ସହିତ ହୁଣ୍ଡି ବାକ୍ସ ଚୋରି ହୋଇଛି। ସୋମବାର ଭୋରରେ ମନ୍ଦିରକୁ ପୂଜକ ଆସି ଗ୍ରୀଲ ଖୋଲାଥିବା, ଅଳଙ୍କାର ଓ ହୁଣ୍ଡିବାକ୍ସ ନ ଥିବା ଦେଖିବାକୁ ପାଇଥିଲେ। ସେ ଏ ନେଇ ମନ୍ଦିର କମିଟି କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ମନ୍ଦିର କମିଟି ପକ୍ଷରୁ ଥାନାରେ ଚୋରି ସଂକ୍ରାନ୍ତରେ ଏତଲା ଦିଆଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ନୂଆ ବସ୍‌ଷ୍ଟାଣ୍ଡ ପୋଲିସ ପୋଷ୍ଟଠାରୁ ୫ଶହ ମିଟର ଦୂରରେ ଚୋରି ହେଲା, ମାତ୍ର ପୋଲିସ କିଛି ସୂଚନା ପାଇପାରିଲା ନାହିଁ। ତେଣୁ ପାଲିସ କାର୍ଯ୍ୟଦକ୍ଷତା ଉପରକୁ ଉଠିଛି ଅଙ୍ଗୁଳି। ରାତ୍ର ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର କହିଛନ୍ତି, ଲକଡାଉନ ସମୟରେ ଗୁରୁଜଙ୍ଗ ଓ ମୁକୁନ୍ଦପ୍ରସାଦ ଗୋଶାଳା ପଡ଼ିଆରେ ସଶସ୍ତ୍ର ଡକାୟତି ଉଦ୍ୟମ କରୁଥିବା ଗ୍ୟାଙ୍ଗକୁ ଧରାଯାଇଛି। ପୋଲିସ ପକ୍ଷରୁ ଲୁଟପାଟ କରୁଥିବା ଗ୍ୟାଙ୍ଗ ଉପରେ ନଜର ରଖାଯାଇଛି। ଲୁଣ୍ଠନକାରୀଙ୍କୁ ସାବାଡ କରିବା ଲାଗି ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି।



ଆଇଆଇଟି ଭୁବନେଶ୍ୱରରେ ସୋମବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି।

## ‘ଯୋଗ ଦ୍ୱାରା ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ହୁଏ’

**ଖୋର୍ଦ୍ଧା ଅଫିସ/ଜଟଣୀ/ବେଗୁନିଆ, ୨୧।୬ (ଡି.ଏନ୍.ଏ)**

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ସୋମବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କ୍ୟାମ୍ପସର କମ୍ୟୁନିଟି ହଲରେ ୨ଦିନ ଧରି ଆୟୋଜିତ ଅନ୍‌ଲାଇନ୍ ଯୋଗ ଶିବିରରେ ୩୫୦ ଛାତ୍ରୀଛାତ୍ରଙ୍କ ସମେତ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜକୁମାର, ଫାକଲ୍ଟି ମେମ୍ବର, ଅଧିକାରୀ ଏବଂ କର୍ମଚାରୀଙ୍କ ସହ ସେମାନଙ୍କ ପରିବାର ସଦସ୍ୟ ଯୋଗ ଶିକ୍ଷା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଜ୍ଞା ମିଶନ ସମ୍ପାଦକ ସ୍ୱାମୀ ଅଚଳାନନ୍ଦ ଗିରି ଯୋଗଦେଇଥିଲେ। ମଣିଷ ମନ, ମସ୍ତିଷ୍କ ଓ ଶରୀର ଉପରେ ଯୋଗର ପ୍ରଭାବ ସମ୍ପର୍କରେ ସେ ବୁଝାଇଥିଲେ। ନିରନ୍ତର ଯୋଗ ଦ୍ୱାରା ବ୍ୟକ୍ତିର ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ହୁଏ ବୋଲି ସେ କହିଥିଲେ। କୁଳସଚିବ ଦେବରାଜ ରଥ, ସିଆଇଟିଏସ୍‌ସି ଚେୟାରମ୍ୟାନ ଡ. ଭରତରାମ ରାମକୁମାର ଉପସ୍ଥିତ ଥିଲେ। ଡ. ଶ୍ରୀକାନ୍ତ ଗୋଲାପୁଡି ଏବଂ ଡ. ବଙ୍କିମ ଚନ୍ଦ୍ର ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେହିପରି ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ (ଜଟଣୀ) ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି। ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ, ପୂର୍ବତଟ ମହିଳା କଲ୍ୟାଣ ସଙ୍ଗଠନ ସଭାନେତ୍ରୀ ପୂର୍ଣ୍ଣିମା ସିଂ ବିଭିନ୍ନ ଯୋଗାସନ କରିଥିଲେ। ରେଳବିଭାଗର କର୍ମଚାରୀମାନେ ଘରେ ରହି ଯୋଗାସନ କରିଥିଲେ। ପ୍ରତିଦିନ ଯୋଗାଭ୍ୟାସ କରିବା ପାଇଁ ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ରେଳ ଷ୍ଟେଶନରେ ପୋଷ୍ଟର ଓ ଭିଡିଓ ପ୍ରଦର୍ଶନ କରି ସଚେତନତା ସୃଷ୍ଟି କରାଯାଉଥିବା ରେଳୱେର ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଗୀତାଭବନ ପରିସରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗାସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଗ୍‌ମା ପବ୍ଲିକ୍ ସ୍କୁଲ ପକ୍ଷରୁ ଭର୍ଚ୍ଚୁଆଲରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଯୋଗ ଗୁରୁ ସୀତାକାନ୍ତ ପଣ୍ଡା ଯୋଗଭ୍ୟାସ କରାଇଥିଲେ। ସୂର୍ଯ୍ୟ ନମସ୍କାର, ଶାରୀରିକ ବ୍ୟାୟମ, ପ୍ରାଣାୟମ, ଧ୍ୟାନ ପ୍ରଭୃତି ଶିକ୍ଷା ପ୍ରଦାନ କରିଥିଲେ। କରୋନା ସମୟରେ ପିଲାମାନେ କିପରି ସୁସ୍ଥ ରହିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ କହିଛନ୍ତି। ଆଗକୁ ପ୍ରତି ଶ୍ରେଣୀ ଶିକ୍ଷକଙ୍କ ଜରିଆରେ ଦୈନିକ ଯୋଗଭ୍ୟାସ କରାଯିବ ବୋଲି ସ୍କୁଲ ପରିଚାଳନା କମିଟି ଅଧକ୍ଷ ଶୁଭ୍ରାଂଶୁ ସାମନ୍ତରାୟ କହିଛନ୍ତି। ସେହିପରି ଶ୍ରୀରାମ ନଗର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଖୋର୍ଦ୍ଧା ନଗର ପକ୍ଷରୁ ଯୋଗ ଦିବସ ପାଳିତ ହୋଇଥିଲା। ବେଗୁନିଆ ବ୍ଲକର ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଶିକ୍ଷାଶ୍ରମ ପରିସରରେ ଯୋଗ ଦିବସ ପାଳନ ହୋଇଥିଲା। ଯୋଗ ଗୁରୁ ରମେଶ ଚନ୍ଦ୍ର ସାହୁ ଓ ସଞ୍ଜୟ ମହାପାତ୍ରଙ୍କ ଅଧକ୍ଷତାରେ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା।

## କୂଅରେ ପଡ଼ି ଶିଶୁକନ୍ୟା ମୃତ

**ଟାଙ୍ଗୀ(ଖୋର୍ଦ୍ଧା), ୨୧।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ନିକଟ ମଙ୍ଗଳାଯୋଡ଼ି ଗ୍ରାମରେ ସୋମବାର ଏକ କୂଅରେ ପଡ଼ି ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ବୀରେନ୍ଦ୍ର ବେହେରାଙ୍କ ଝିଅ ବର୍ଷା(୭)। ସୂଚନା ମୁତାବକ, ଘରର ବାରିପଟେ ସାଙ୍ଗମାନଙ୍କ ସହିତ ଖେଳୁଥିବା ବେଳେ ବର୍ଷା କୂଅରେ ପଡ଼ିଯାଇଥିଲେ। ଖେଳ ସରିବା ପରେ ଅନ୍ୟ ପିଲାମାନେ ଘରକୁ ଫେରିଥିବା ବେଳେ ବର୍ଷା ଫେରି ନ ଥିଲେ। ଘର ଲୋକ ଖୋଜାଖୋଜି କରିବାରୁ ବର୍ଷା କୂଅରେ ଭାସୁଥିବା ଦେଖିବାକୁ ପାଇଥିଲେ। ଉଦ୍ଧାର କରି ସେମାନେ ଟାଙ୍ଗୀ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମାରଣାସ୍ତ୍ର ଦେଖାଇ ବାଇକ୍, ଟଙ୍କା ନେଇଗଲେ

**ବେଗୁନିଆ,୨୧।୬(ଡି.ଏନ୍.ଏ)**

ବେଗୁନିଆ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ବାଇକ୍, ମୋବାଇଲ ଫୋନ ଓ ପର୍ସ ଲୁଟି ନେଇଥିବା ସୋମବାର ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଗଲା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡିଛି। ସୂଚନା ମୁତାବକ, ସୋମବାର ଅପରାହ୍ନ ୨ଟାରେ ଏହି ଥାନା ଅଧୀନ ଠଣାପଲ୍ଲି ଗ୍ରାମର ୧୭ ବର୍ଷ ବୟସର ଜଣେ ବାଳକ ବାଇକ୍‌ରେ ନିକଟ ଗ୍ରାମ ଚଣ୍ଡିଆପଲାକୁ ଯାଉଥିଲେ। ଡିଙ୍ଗର ଗ୍ରାମ ଚାରିଛକ ଠାରେ ୪ଜଣ ଦୁର୍ବୃତ୍ତ ନାବାଳକଙ୍କୁ ମାରଣାସ୍ତ୍ର ଦେଖାଇ ବାଇକ୍ ଓ ମୋବାଇଲ ଛଡାଇ ନେବା ସହ ୧୦ହଜାର ଟଙ୍କା ନେଇ ପଳାଇଥିଲେ। ନାବାଳକଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଚଳାଇଛି।

## ୭୦ କେନ୍ଦ୍ରରେ ନେଲେ ୯୬୬୫ ଟିକା

**ଖୋର୍ଦ୍ଧା ଅଫିସ,୨୧।୬**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦୈନିକ ଟାର୍ଗେଟ ୪୬୨୭ରହିଥିବା ବେଳେ ସୋମବାର ୭୦ କେନ୍ଦ୍ରରେ ୯,୬୬୫ଜଣଙ୍କୁ ଟିକା ଦିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୨,୩୫,୦୪୦ଜଣଙ୍କୁ ଟିକା ଦିଆଯାଇଛି। ୧୮ରୁ ୪୪ଯୁବବର୍ଗ ୨୭୬୧୯ ପ୍ରଥମ ଏବଂ ୬ଜଣ ଦ୍ୱିତୀୟ ଡୋଜ ନେଇଛନ୍ତି। ସୋମବାର ୧୮ରୁ ୪୪ବର୍ଗ ୭୧୯୪ଙ୍କୁ ୧ମ ଏବଂ ୩ଜଣଙ୍କୁ ୨ୟ ଟିକା ଦିଆଯାଇଛି। ୪୫ବର୍ଷରୁ ଉର୍ଦ୍ଧ୍ୱ୯୦୭ ପ୍ରଥମ, ୨୭୧ ଦ୍ୱିତୀୟ ଏବଂ ୬୦ବର୍ଷରୁ ଉର୍ଦ୍ଧ୍ୱ ୩୨୯ଙ୍କୁ ୧ମ ଓ ୯୨୮ଙ୍କୁ ୨ୟ ଟିକା ଦିଆଯାଇଥିବା ବେଳେ ବଳକା ଅନ୍ୟାନ୍ୟ ବର୍ଗର ରହିଛନ୍ତି।

### ଗ୍ରାମାଞ୍ଚଳରେ ୩୩ ପଜିଟିଭ୍

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସୋମବାର ୩୩ଜଣ ଆକ୍ରାନ୍ତ ହୋଇଥିବା ବେଳେ ଦିନକରେ ୨୧୩ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୩,୮୩,୨୯୨ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୫,୧୨୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୪,୦୮୪ଜଣ ସୁସ୍ଥ ହୋଇଛନ୍ତି। ୬୯ଜଣଙ୍କ ମୃତ୍ୟୁ ଘଟିଛି। ୯୬୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ଶ୍ୱଶୁରଘରେ ବନ୍ଧୁକ ଦେଖାଇ ଜ୍ୱାଇଁ ଗିରଫ





ଗିରଫ ୨ ଅଭିଯୁକ୍ତ ଏବଂ ଜବତ ବନ୍ଧୁକ।

**ଜଟଣୀ,୨୧।୬(ଡି.ଏନ୍.ଏ.)**

ଜଟଣୀ ଥାନା ଅଧୀନ ହରିପୁର କଂସପଦା ଗ୍ରାମରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶ୍ୱଶୁର ଘରେ ବନ୍ଧୁକ ଦେଖାଇ ଭୟଭୀତ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଜ୍ୱାଇଁ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ତିରିମଲ ଗ୍ରାମର ଜ୍ୱାଇଁ ସ୍ୱାଧୀନ ବଲିୟାରସିଂହ ଓ ସହଯୋଗୀ ପ୍ରକାଶ ଚନ୍ଦ୍ର ମିଶ୍ର। ସୂଚନା ମୁତାବକ, କଂସପଦା ଗ୍ରାମର ଇତିଶ୍ରୀଙ୍କ ସହିତ ୬ ମାସ ପୂର୍ବେ ସ୍ୱାଧୀନଙ୍କ ବିବାହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବିକରି ସ୍ୱାଧୀନ ବାରମ୍ବାର ଇତିଶ୍ରୀଙ୍କୁ ନିର୍ଯାତନା ଦେଉଥିଲେ। ତେବେ ଦୁଇଦିନ ପୂର୍ବେ ସ୍ୱାଧୀନ ଏବଂ ତାଙ୍କ ସହଯୋଗୀ ଶ୍ୱଶୁରଘରକୁ ଯାଇଥିଲେ। କୌଣସି କାରଣକୁ ନେଇ ସେଠାରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ୱାଧୀନ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଏନେଇ ଇତିଶ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୯୩/୨୧) ରୁଜୁ କରି ସ୍ୱାଧୀନ ଏବଂ ସହଯୋଗୀ ପ୍ରକାଶଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ କରିଥିଲା।



ଜଟଣୀ ସହରର ସୌନ୍ଦର୍ଯ୍ୟକରଣ ପାଇଁ ପୋଷ୍ଟ ଅଫିସ ଛକରେ ଚାରାରୋପଣ କରାଯାଉଛି।

## ଶିକ୍ଷାର ପ୍ରଗତି ଉପରେ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୨୧।୬**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଖୋର୍ଦ୍ଧା ପକ୍ଷରୁ ସୋମବାର ଖୋର୍ଦ୍ଧାରେ ନୂତନ ଭାବେ ଯୋଗଦେଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ କାର୍ଯ୍ୟାଳୟ ପରିସରରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶିକ୍ଷାର ପ୍ରଗତି ଏବଂ ଶିକ୍ଷକଙ୍କ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦେବେ ବୋଲି ରାଉତ କହିଛନ୍ତି। ସଂଘ ସଭାପତି ଯୁଧିଷ୍ଠିର ସାହୁ, ପ୍ରସନ୍ନ ମହାପାତ୍ର, ଅମୀୟ ପରିଡା, ସୁକାନ୍ତି ଦେବୀ, ମଙ୍ଗୁଳି ନିଶଙ୍କ, ଦିବ୍ୟସିଂହ ସୁବୁଦ୍ଧି, ରଶ୍ମି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଧାର୍ଯ୍ୟ ସମୟ ସୁଦ୍ଧା ସମସ୍ତଙ୍କ ଟିକାକରଣ ନେଇ ସନ୍ଦେହ

**ଜଟଣୀ, ୨୧।୬(ଡି.ଏନ୍.ଏ)**

### ଜଟଣୀ ପୌରାଞ୍ଚଳ

- ହୋଇଛି ମାତ୍ର ୪ କେନ୍ଦ୍ର
- ମୁଣ୍ଡିଆସାହି କେନ୍ଦ୍ରରେ ଉତ୍ତେଜନା

ଜଟଣୀ ପୌରାଞ୍ଚଳର ନୂତନ କେନ୍ଦ୍ରରେ ସୋମବାରଠାରୁ କ୍ୟାମ୍ପେନ୍ ମୋଡ୍‌ରେ ଟିକାକରଣ ଆରମ୍ଭ ହୋଇଛି । ପୌରାଞ୍ଚଳରେ ୪ ନୂତନ ଟିକାକରଣ କେନ୍ଦ୍ର ଖୋଲାଯିବାକୁ ଥିବାବେଳେ ସୋମବାର ୨ଟି କାର୍ଯ୍ୟକ୍ଷମ କରାଯାଇଛି। ମଙ୍ଗଳବାର ଅନ୍ୟ ଦୁଇଟି କେନ୍ଦ୍ରରେ ଟିକାକରଣ କରାଯିବ। ସହରାଞ୍ଚଳ ନିମନ୍ତେ କେବଳ ବଡନୂଆଗାଁ ସ୍କୁଲରେ ଏକମାତ୍ର କେନ୍ଦ୍ର ହୋଇଥିବାରୁ ଲୋକେ ଟିକା ନେବାରେ ହଇରାଣ ହେଉଥିଲେ। ତେଣୁ ୧୮ ବର୍ଷରୁ ଅଧିକ ଓ ୪୫ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ବାଲିଛକ ସାହି (ମୁଣ୍ଡିଆ ସାହି) ୟୁପି ସ୍କୁଲ, ବାଛରା ଶୁଶିଳାଦେବୀ ପ୍ରଗତି ବିଦ୍ୟାପୀଠ, ଜଟଣୀ କଲେଜ ରୋଡସ୍ଥ ପି.ଏନ. ହାଇସ୍କୁଲ ଏବଂ କୁଦିଆରୀ ବିଦ୍ୟାଳୟରେ ନୂତନ ଟିକାକରଣ କେନ୍ଦ୍ର ଖୋଲାଯାଇଛି। ସୋମବାର ବାଲିଛକ ସାହି (ମୁଣ୍ଡିଆସାହି) ୟୁପି ସ୍କୁଲ କେନ୍ଦ୍ରରେ ୧ରୁ ୭ନମ୍ବର ଏବଂ କୁଦିଆରୀ ନୋଡାଲ ସ୍କୁଲରେ ୧୮ରୁ ୨୩ ନମ୍ବର ୱାର୍ଡବାସିନ୍ଦା ଟିକା ନେବା ପାଇଁ ବ୍ୟବସ୍ଥା ହୋଇଥିଲା। ପ୍ରଥମ ଦିବସରେ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ତେବେ ବାଲିଛକ ସାହି ମୁଣ୍ଡିଆସାହି ସ୍କୁଲଠାରେ ପଞ୍ଜୀକରଣ ପରେ ଟିକା ପ୍ରଦାନରେ ଅନିୟମିତତାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଦିନକୁ ପ୍ରତି କେନ୍ଦ୍ରରେ ୨୦୦ ଟିକା ଦେବା ବ୍ୟବସ୍ଥା ହୋଇଛି। ୮, ୯, ୧୦, ୧୧ ନଂ. ୱାର୍ଡର ଲୋକେ ପି.ଏନ୍ ହାଇସ୍କୁଲ ଏବଂ ୧୨, ୧୩, ୧୪, ୧୫, ୧୬, ୧୭ର ବାସିନ୍ଦା ମଙ୍ଗଳବାରଠାରୁ ବାଛରାସ୍ଥ ସୁଶିଳାଦେବୀ ପ୍ରଗତି ବିଦ୍ୟାପୀଠ କେନ୍ଦ୍ରରେ ଟିକା ନେବାକୁ କୁହାଯାଇଛି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପୌରାଞ୍ଚଳରେ ୧୦ଟି କେନ୍ଦ୍ର ଖୋଲାଯିବାକୁ ନିର୍ଦ୍ଦେଶ ଥିବାବେଳେ ଜଟଣୀରେ ମାତ୍ର ୪ କେନ୍ଦ୍ର ହୋଇଥିବାରୁ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ହିତାଧିକାରୀ ଟିକା ନେବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।



ଟିକା ପାଇଁ ଲୋକେ ଧାଡ଼ିରେ ଛିଡା ହୋଇଛନ୍ତି।

## ଆଜି ୪ କେନ୍ଦ୍ରରେ ଟିକାକରଣ

ସାକ୍ଷୀଗୋପାଳ,(ସ୍ୱ.ପ୍ର.): ସାକ୍ଷୀଗୋପାଳରେ ମଙ୍ଗଳବାର ୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୋଭିଡ୍ ଟିକା ଦିଆଯିବ। ପ୍ରଥମ ଡୋଜ୍ ଟିକା ପାଇଁ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ସେହିପରି ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ନେଇପାରିବେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୦ ଯୁବବର୍ଗଙ୍କୁ ଟିକା ଦିଆଯିବାକୁ ଥିବା ବେଳେ ୫୦ଜଣ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ଦିଆଯିବ। ସେହିପରି ଶୁକଳ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟ, ଜାଗେଶରୀ ବିଦ୍ୟାପୀଠ ଅଳଗୁମ ଏବଂ ଜୟଦୁର୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ରାୟଖଣ୍ଡରେ ଟିକାକରଣର ବ୍ୟବସ୍ଥା କରାଯାଇଛି ବୋଲି ସତ୍ୟବାଦୀ ବିଡିଓ କ୍ଷୀରୋଦ ବେହେରା କହିଛନ୍ତି।




୨୧।୦୬।୨୦୨୧

୨୬୪୫ ଟଙ୍କା

# ବ୍ଲଡ୍ ଗ୍ରୁପ୍ ଜାଣିପାରିଲାନି ରକ୍ତଭଣ୍ଡାର

**ରକ୍ତ ପାଇଁ ୨୪ ଘଣ୍ଟା ଅପେକ୍ଷା କଲେ ରୋଗୀ**

**ପୁରୀ ଅଫିସ,୨୧।୬:**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ଜଣେ ରୋଗୀଙ୍କ ବ୍ଲଡ୍ ଗ୍ରୁପ୍ ଚିହ୍ନଟ ହୋଇ ନ ପାରିବାରୁ ଜରୁରିକାଳୀନ ସ୍ଥିତିରେ ତାଙ୍କୁ ୨୪ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଛି। ଏହାକୁ ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ରାତି ଓ ଶନିବାର ଅପରାହ୍ନରେ ୨ୟ ଥର ରକ୍ତଭଣ୍ଡାର ପକ୍ଷରୁ ସମ୍ପୃକ୍ତ ରୋଗୀଙ୍କ ରକ୍ତନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ମାତ୍ର ସମ୍ପୃକ୍ତ କର୍ମଚାରୀମାନେ ବ୍ଲଡ୍ ଗ୍ରୁପ ଚିହ୍ନଟ କରିପାରି ନ ଥିଲେ। ଫଳରେ ସମ୍ପୃକ୍ତ ରୋଗୀଙ୍କ ପୁତ୍ର ସୁମନ୍ତ ନାୟକ ବେସରକାରୀ ଲାବ୍‌ରେ ବ୍ଲଡ୍ ଗ୍ରୁପ୍ ପରୀକ୍ଷା କରାଇ ରିପୋର୍ଟ ଆଣିଥିଲେ। ତେବେ ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପୁଣି ଥରେ ରକ୍ତନମୁନା ନିଆଯାଇ ପରୀକ୍ଷା କରାଯାଇଥିଲା। ଏହା ପରେ ବ୍ଲଡ୍ ଗ୍ରୁପ୍ 'ଓ ପଜିଟିଭ୍' ବୋଲି କୁହାଯାଇଥିଲା। ଘରୋଇ ଲାବ୍‌ର ପରୀକ୍ଷାରୁ ସମ୍ପୃକ୍ତ ରୋଗୀଙ୍କ ବ୍ଲଡ୍ ଗ୍ରୁପ୍ ଚିହ୍ନଟ ହେବା ଘଟଣା ସାମ୍ନାକୁ ଆସିବା ପରେ ସରକାରୀ ଡାକ୍ତରଖାନାର କାର୍ଯ୍ୟଶୈଳୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁମନ୍ତ କହିଛନ୍ତି, ମା'ଙ୍କ ସୁଗାର ଲେଭଲ୍ ଅତି ନିମ୍ନସ୍ତରକୁ ଆସିଯିବାରୁ ରକ୍ତ ଆବଶ୍ୟକ ପଡ଼ିଥିଲା। ଜରୁରିକାଳୀନ ସ୍ଥିତିରେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲି। ମାତ୍ର ବ୍ଲଡ୍ ଗ୍ରୁପ୍ ଜଣା ନ ପଡ଼ିବାରୁ ମା'ଙ୍କୁ ଶନିବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ରକ୍ତ ଦିଆଗଲା ନାହିଁ। ଫଳରେ ୨୪ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା। ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନେଇ ସରକାର ଡିଣ୍ଡିମ ପିଟୁଥିବାବେଳେ ସରକାରୀ ବ୍ୟବସ୍ଥାର ଏହା ଏକ ନମୁନା ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିପରି ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ରକ୍ତନମୁନା ପରୀକ୍ଷାରେ କ'ଣ ସମସ୍ୟା ରହିଲା ଯାହା ଦ୍ୱାରା ବ୍ଲଡ୍ ଗ୍ରୁପ୍ ଚିହ୍ନଟ ଭଳି ସାମାନ୍ୟ କାର୍ଯ୍ୟ ହୋଇପାରିଲା ନାହିଁ ସେନେଇ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ଉଚିତ। ବ୍ଲଡ୍ ଗ୍ରୁପ୍ କାରଣରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ରୋଗୀଙ୍କୁ ଅପେକ୍ଷା କରାଇବା କେତେ ଯଥାର୍ଥ ବୋଲି ସେ ପ୍ରଶ୍ନ କରିଛନ୍ତି।

ତେବେ ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍ ବ୍ୟାଙ୍କ ଅଫିସର ଦୀପକ ସାହୁ କହିଛନ୍ତି ଅନେକ ସମୟରେ ବାରମ୍ବାର ରକ୍ତ ନେବା ଦ୍ୱାରା ରୋଗୀଙ୍କ ବ୍ଲଡ୍ ଗ୍ରୁପ୍ ଚିହ୍ନଟ ହେବାରେ ସମସ୍ୟା ହୁଏ। ଏଭଳି ସ୍ଥଳରେ ୨ରୁ ୩ ବ୍ଲଡ୍ ଗ୍ରୁପ୍ ଦେଖାଇଥାଏ। ରୋଗୀଙ୍କ ପ୍ରକୃତ ବ୍ଲଡ୍ ଗ୍ରୁପ୍ ଜାଣିବାରେ ସମସ୍ୟା ହୋଇଥାଏ। ଅନ୍ୟ କିଛି କାରଣ ମଧ୍ୟ ରହିଛି ଯାହା ବ୍ଲଡ୍ ଗ୍ରୁପ୍ ଚିହ୍ନଟ ପ୍ରକ୍ରିୟାରେ ବାଧା ସୃଷ୍ଟି କରେ। ତେଣୁ ବ୍ଲଡ୍ ଗ୍ରୁପ୍ ନ ଜାଣି ରକ୍ତ ଦେବା ସମ୍ଭବପର ହୋଇ ନ ଥାଏ। ଅନ୍ୟପକ୍ଷରେ ଘରୋଇ ଲାବ୍‌ରେ କିଭଳି ଥରକେରେ ବ୍ଲଡ୍ ଗ୍ରୁପ୍ ଜଣାପଡ଼ିଲା ବୋଲି ସୁମନ୍ତ ଓ ତାଙ୍କ ସମ୍ପର୍କୀୟମାନେ ପ୍ରଶ୍ନ କରିଛନ୍ତି।



ଅନ୍ତର୍ଜାତୀୟ ଯୋଗ ଦିବସରେ ସୋମବାର ପୁରୀ ଡାକମଣ୍ଡଳ ପକ୍ଷରୁ ସ୍ୱତନ୍ତ୍ର ଡାକ ମୋହର ଉନ୍ମୋଚନ କରାଯାଉଛି। ଡାକମଣ୍ଡଳ ଅଧୀକ୍ଷକ ବିପିନ୍ ବିହାରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଅଧୀକ୍ଷକ ଭଗବାନ ନାୟକ, ପୁରୀ ପ୍ରଧାନ ଡାକଘରର ଡାକପାଳ ମମତା ପଣ୍ଡା, ଲୋକସମ୍ପର୍କ ନିରୀକ୍ଷକ ସୁଧାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଖଳାରୁ

# ତିନି ରଥରେ ଲାଗିଲା ଚଉଦ ନାହାକା



**ପୁରୀ ଅଫିସ, ୨୧।୬:**

ସୋମବାର ସନ୍ଧ୍ୟା ସୁଦ୍ଧା ତିନି ରଥର ଚାରିନାହାକା ଉପରେ ପ୍ରଥମ ଭୂଇଁ ପଡ଼ି ଚାରି ନାହାକା ଚତୁଃପାର୍ଶ୍ୱରେ ଚଉଦ ନାହାକା ଉଠିଛି। ସେହିପରି ତୃତୀୟ ଭୂଇଁ ପାଇଁ ଫ୍ରେମ ସେଟିଂ ସମ୍ପୂର୍ଣ୍ଣ ହୋଇଛି। ତୃତୀୟ ଭୂଇଁରେ ୪ଟି ଭୂଇଁ ଚଉଡା ବର୍ଗାକାରରେ ସଂଯୋଗ ହୋଇ ତା'ର ଚାରି କୋଣରେ ୪ଟି ଭୂଇଁ ଗୋଡ଼ ଉଠି ପ୍ରତି ପାର୍ଶ୍ୱରେ ୬ଟି ଲେଖାଏ ଛିଆଣ ସଂଯୋଗ ହୋଇ ତୃତୀୟ ଭୂଇଁ ବା ଅଗ ଭୂଇଁ ଫ୍ରେମ ସେଟିଂ ହୋଇ ନମ୍ବରିଂ ସରିଛି। ତିନିରଥର ଦୁଆର ବେଢା ତଳେ ନାଟ ଗୋଡ଼ ଉପରେ ଲାଗିବା ପାଇଁ ୮ଟିରୁ ୩ଟି ଲେଖାଏ ଗାରେଡି ଚଉପଟ ହୋଇଛି। ଦ୍ୱାର ବେଢା ପାଇଁ ୮ଟି ମଗର ପଟାରୁ ୪ଟି ପଟାରେ ମଗର ମୁଖ ନିର୍ମାଣ ଶେଷ ହୋଇଛି। ଏଥି ସହ ତିନିରଥର ୪ଟି ଲେଖାଁଏ ଅଁଳା ଚଉପଟ କାମ ଶେଷ ହୋଇଛି। ଦେବଦଳନ ରଥର ପଟାଗୁଜରେ ରୂପକାର ସେବକ ରୂପ ଖୋଦେଇ ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ପୁରୀ ସହର ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ,୨୧।୬: ପୁରୀ ସହରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ୩୫ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ଜିଲାପାଳ ସମର୍ଥ ବର୍ମା ଅନେକ ପ୍ରସଙ୍ଗ ଉପରେ ଅନୁଷ୍ଠାନର ଆବାହକ ଓ ଉପଦେଷ୍ଟା ମଣ୍ଡଳୀଙ୍କ ସହିତ ଆଲୋଚନା କରିଛନ୍ତି। ସୋମବାର ଏ ନେଇ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ଶ୍ରୀମନ୍ଦିର ଭିତର ଓ ବାହାର ମନ୍ଦିର ମରାମତି, ରତ୍ନଭଣ୍ଡାର ମରାମତି ଓ ଏଥିରେ ଥିବା ମୂଲ୍ୟବାନ ଅଳଙ୍କାର ଗଣତି ସହିତ ଏହାକୁ ସାର୍ବଜନୀନ କରାଯାଉ। ଏମାର ମଠର ପୂର୍ବ ଜବତ ରୁପାଇଟା ଓ ଚଳିତ ବର୍ଷ ଜବତ ଅଳଙ୍କାର ମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ଯୁଗ୍ମ ମାଲିକାନାରେ ରଖାଯାଉ। ଉଚ୍ଛେଦ ମଠ ପାଇଥିବା ସରକାରୀ ଅର୍ଥ ଜିଲା ପ୍ରଶାସନ ଓ ମହନ୍ତଙ୍କ ଯୁଗ୍ମ ଖଟରରେ ରଖାଯାଉ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନ୍ତର୍ଗତ ମଠଗୁଡ଼ିକର କାର୍ଯ୍ୟକଳାପ ପ୍ରଶାସନ ତଦାରଖ କରିବା ସହିତ ବାର୍ଷିକ ଅଡିଟ୍ କରୁ। ଏଥିସହ ଶ୍ରୀମନ୍ଦିର, ଜିଲା ମୁଖ୍ୟ ଚିକିତ୍ସାଳୟ, ସହର ଆଲୋକୀକରଣ, ବର୍ଜ୍ୟବସ୍ତୁ ପରିଚାଳନା, ତୀର୍ଥ ପୁଷ୍କରିଣୀ ଓ ବଣିଆପଟ୍ଟି ଭଳି ଅନେକ ପ୍ରସଙ୍ଗରେ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି।

### ଜନ୍ମଦିନରେ ଚାରାରୋପଣ କଲେ ରୁଦ୍ରପ୍ରତାପ

ପିପିଲି, ୨୧।୬:(ସ୍ୱ.ପ୍ର./ଡି.ଏନ୍.ଏ): ବିଜେଡିର ଯୁବନେତା ରୁଦ୍ର ପ୍ରତାପ ମହାରଥୀଙ୍କ ୩୩ତମ ଜନ୍ମଦିନ ଅବସରରେ ସୋମବାର ପାଣିଦୋଳ ପଞ୍ଚାୟତ ଅଧୀନ ଖୋରାପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୁଦ୍ରପ୍ରତାପ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରା ରୋପଣ କରିଥିଲେ। ସେ ବୃକ୍ଷ ଲଗାଅ, ଜୀବନ ବଞ୍ଚାଅ ବାର୍ତ୍ତା ଦେବା ସହ ନିଜ ପିତା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ନୀତି ଓ ଆଦର୍ଶରେ କାର୍ଯ୍ୟ କରୁଥିବା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପିପିଲି ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଆମ୍ବା ଅଧ୍ୟକ୍ଷ ଧରଣୀଧର ସାହୁ, ଡାଣ୍ଡମୁକୁନ୍ଦପୁର ସମିତି ସଭ୍ୟ ମଧୁସୂଦନ ପ୍ରଧାନ, ଆଇନଜୀବୀ ଶ୍ରୀଧର ପ୍ରଧାନ, ପାଣିଦୋଳ ସରପଞ୍ଚଙ୍କ ପ୍ରତିନିଧି ତପନ ନାୟକ, ଡେଲାଙ୍ଗ ଆମ୍ବା କମିଟି ସଭାପତି ସୁଧାକର ମାର୍ଥା, ନାରାୟଣ ସ୍ୱାଇଁ, ଆର୍ତ୍ତବନ୍ଧୁ ସାମନ୍ତରାୟ, ମକର ପ୍ରଧାନ, କଳ୍ପତରୁ ବରାଳ ପ୍ରମୁଖ ଯୋଗଦେଇଥିଲେ।

### ପୂର୍ବ ବିବାଦରୁ ଖବରଦାତାଙ୍କୁ ଆକ୍ରମଣ

କଣାସ,୨୧।୬(ସ୍ୱ.ପ୍ର.): ପୂର୍ବ ବିବାଦକୁ ନେଇ ସୋମବାର କଣାସ ବ୍ଲକ ଅନ୍ତର୍ଗତ ବଡ଼ଓରା ଗ୍ରାମରେ ଖବରଦାତା ହେମନ୍ତ ସାହୁଙ୍କୁ ଗ୍ରାମବାସୀ ଆକ୍ରମଣ କରିଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ହେମନ୍ତଙ୍କ ଜମିରୁ ବାରମ୍ବାର ଗ୍ରାମବାସୀ ଗଛ କାଟିନେବା ସହ ଧମକ ଦେଉଥିବା ନେଇ ଗଡିଶାଗୋଦା ଥାନା ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପୂର୍ବ ବିବାଦକୁ ନେଇ ସୋମବାର ଗ୍ରାମବାସୀ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡିଥିଲେ। ଗଡିଶାଗୋଦା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ପହଞ୍ଚି ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସରେ କଣାସ ଡାକ୍ତରଖାନା ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇ ନାହିଁ।

### ୭ ସ୍ଥାନରେ ଯୋଗ ଶିବିର

ନିମାପଡ଼ା,୨୧।୬(ଡି.ଏନ୍.ଏ.): ନିମାପଡ଼ା ଯୋଗ ମହୋତ୍ସବ ସମିତି ପକ୍ଷରୁ ୭ ସ୍ଥାନରେ ସୋମବାର ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଅଣିଆସାହି ମନ୍ଦିର ପ୍ରାଙ୍ଗଣ, କୃଷକ ବିକାଶ ପରିଷଦ କାର୍ଯ୍ୟାଳୟ, ଦିବ୍ୟଜୀବନ ସଂଘ ଆଶ୍ରମ, ଝାମ୍ପୁଲାକୁଦ ମହାବୀରଙ୍କ ପୀଠ, ମହାବୀର କଲୋନୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏହି ଶିବିର ହୋଇଥିଲା। ସମିତି ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ସତ୍ୟନାରାୟଣ ମିଶ୍ର, ପ୍ରସନ୍ନ କର, ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ୟୁଟ୍ୟୁବ ଶିକ୍ଷାଦାନ ବ୍ୟବସ୍ଥା ତଦାରଖ କଲେ ମନ୍ତ୍ରୀ

**ନିମାପଡ଼ା,୨୧।୬(ଡି.ଏନ୍.ଏ.):**

ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷା ଦର୍ପଣ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାରଠାରୁ ୟୁ ଟ୍ୟୁବ୍‌ରେ ଶିକ୍ଷାଦାନର ଶୁଭାରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ଘରେ ବସି ୟୁ ଟ୍ୟୁବ୍‌ରେ ହ୍ୱାଟସଆପ୍ ଲାଇଫ୍ ସିଷ୍ଟମ ଜରିଆରେ ପାଠ ପଢ଼ିପାରିବେ। ଉପାନ୍ତ ଅଞ୍ଚଳ ସମେତ ସମସ୍ତ ଅଞ୍ଚଳରେ ୟୁ ଟ୍ୟୁବ୍‌ରେ ଶିକ୍ଷାଦାନ ବ୍ୟବସ୍ଥାରେ ପ୍ରତ୍ୟେକ ଛାତ୍ରୀଛାତ୍ର କିପରି ଯୋଡି ହୋଇପାରିବେ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସୋମବାର ନିମାପଡ଼ା ଜ.ବ.ରା. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଛାତ୍ରୀଛାତ୍ରମାନେ କିଭଳି ଏହି ଶିକ୍ଷାଦାନରେ ଯୋଡ଼ି ହୋଇପାରିବେ ତଦାରଖ କରିବାକୁ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ୟୁ ଟ୍ୟୁବ୍‌ରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥାର ମନ୍ତ୍ରୀ ଦାଶ ତଦାରଖ କରିଥିଲେ। ଏହି ବୈଠକରେ ଡିଇଓ ହିମାଂଶୁ ଭୂଷଣ ସମର୍ଥ, ବ୍ଲକ ଶିକ୍ଷାଧିକାରୀଙ୍କ ଦାୟିତ୍ୱରେ ଥିବା ସହକାରୀ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ଏବିଇଓ ବସନ୍ତ ମିଶ୍ର, ନିମାପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଙ୍ଗାଧର ରଥ, ଲକ୍ଷ୍ମୀଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଦାଶ ନିମାପଡ଼ା ଉଚ୍ଚ ବିଦ୍ୟାଳୟରେ ଏହି ଶିକ୍ଷାଦାନ ବ୍ୟବସ୍ଥାର ସମୀକ୍ଷା କରିବା ସହ ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରାଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।

## ବାଲି, ପଥର ଚୋରାଚାଲାଣ: ୩ ଗିରଫ

**ବଲଙ୍ଗା,୨୧।୬(ଡି.ଏନ୍.ଏ.):**

ବଲଙ୍ଗା ପୋଲିସ ରବିବାର ରାତିରେ ବେଆଇନ ଭାବେ ଚାଲାଣ ହେଉଥିବା ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଓ ଗୋଟାଏ ବାଲି ବୋଝେଇ ହାଇୱା ଜବତ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନିମାପଡ଼ା ଥାନା ବ୍ରାହ୍ମଣପଡ଼ା ଗ୍ରାମର ଗଗନ ବିହାରୀ ମଲ୍ଲିକ, ବିଶ୍ୱାଳସାହିର ଉଦୟନାଥ ବେହେରା, କଣାସ ଥାନା ଚାନ୍ଦପଡ଼ାର ପ୍ରତାପ ମହାନ୍ତି। ସୂଚନା ମୁତାବକ, ବେଆଇନ ଭାବେ ବାଲି ଓ ମାଙ୍କଡ଼ା ପଥର ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ ଏକ ଟିମ୍ ସହ ରୂପଦେଇପୁର ଓ ବିରାଟ ସାହି ଛକରୁ ଦୁଇଟି ମାଙ୍କଡ଼ା ପଥର ଟ୍ରକ, ବାୟାବର ଛକରୁ ଗୋଟିଏ ବାଲି ବୋଝେଇ ହାଇୱା ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲେ। ଏନେଇ ୩ଟି ମାମଲା (୧୩୪,୧୩୫,୧୩୬/୨୧)ରୁଜୁ ହୋଇଛି।

## ୭୦ ଉଠାଦୋକାନୀଙ୍କୁ ୨.୧୦ ଲକ୍ଷ ଟଙ୍କା ସହାୟତା

**ନିମାପଡ଼ା,୨୧।୬(ଡି.ଏନ୍.ଏ.):**

କରୋନା ସଂକ୍ରମଣ ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହାର ପ୍ରଭାବରେ ଉଠା ଦୋକାନୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସୋମବାର ନିମାପଡ଼ା ଏନ୍ଏସି ପକ୍ଷରୁ ଉକ୍ତ ଏନ୍ଏସି ଅଞ୍ଚଳର ୭୦ଜଣ ଉଠା ଦୋକାନୀଙ୍କୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ୨ ଲକ୍ଷ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଉଠା ଦୋକାନୀଙ୍କୁ ୩ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଏହି ସହାୟତା ପ୍ରଦାନ କରାଯାଇଥିବା ମନ୍ତ୍ରୀ ଦାଶ କହିଛନ୍ତି। ଏନ୍ଏସି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ଦାଶ, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ, ସିପ୍ରାରାଣୀ ସାହୁ, ସନାତନ ପ୍ରଧାନ, ଜୀବନାନନ୍ଦ ମହାପାତ୍ର, ସନ୍ତୋଷ ଦାଶ, ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍ଏସି ପକ୍ଷରୁ ସର୍ଭେ କରାଯାଇ ଆଉ ଉଠା ଦୋକାନୀଙ୍କୁ ପଞ୍ଜୀକୃତ କରାଯାଇ ବିଭିନ୍ନ ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

# ଡାକ୍ତର ଅନୁପମ ବେହେରା ଚାକିରିରୁ ବହିଷ୍କୃତ

**୨ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକକାଳୀନ କାର୍ଯ୍ୟ ମହଙ୍ଗା ପଡ଼ିଲା**

**ପୁରୀ ଅଫିସ,୨୧।୬:**

ଏକକାଳୀନ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବା ଡାକ୍ତର ଅନୁପମ ବେହେରାଙ୍କ ପାଇଁ ମହଙ୍ଗା ପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଜାତା ମିଶ୍ର ତାଙ୍କୁ ସୋମବାର ଚାକିରିରୁ ବହିଷ୍କାର କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ବେହେରା ଦାୟିତ୍ୱ ସମ୍ପାଦନ କରୁଥିବାବେଳେ ଖୋର୍ଦ୍ଧା ଜିଲା ବାଲିପାଟଣା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ତେବେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ହସ୍ତାନ୍ତର ନ କରି ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ନିଜ ପାଖରେ ରଖିଥିଲେ। ଏପରି କି ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦରମା ପାଉଥିବା ଅଭିଯୋଗ ହୋଇଥିଲା। ଏହାପରେ ଘଟଣାର ତଦନ୍ତ କରି ମୁଖ୍ୟ ଚିକିତ୍ସାଧିକାରୀ ପ୍ରମାଣ ପାଇବା ପରେ ଡା. ବେହେରାଙ୍କୁ ଚାକିରିରୁ ବହିଷ୍କାର ନିର୍ଦ୍ଦେଶ ଦେଇଥିଲେ।



ପୁରୀର ବିଶ୍ୱଜିତ୍ ନାୟକ ଆଇସ୍‌କ୍ରିମ କାଠିରେ ମହାପ୍ରଭୁଙ୍କ ହାତୀବେଶ ନିର୍ମାଣ କରିଛନ୍ତି।

# ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ, ବିବାହ ନୀତି ସମ୍ପନ୍ନ

**ପୁରୀ ଅଫିସ,୨୧।୬:**

ଶ୍ରୀମନ୍ଦିରରେ ସୋମବାର ରୁକ୍ମିଣୀ ହରଣ ନୀତି ସହ ବିବାହ ନୀତି ସମ୍ପନ୍ନ ହୋଇଯାଇଛି ସକାଳ ଧୂପ ପୂଜା ବେଳେ ଦକ୍ଷିଣୀ ଘରେ ମଦନମୋହନଙ୍କ ବେଶ ହୋଇଥିଲା। ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ ପରେ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଶ୍ରୀଦେବୀ ବା ରୁକ୍ମିଣୀଙ୍କୁ ସାତ ପାହାଚସ୍ଥିତ ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାକାର ଜଗମୋହନରେ ଥିବା ଖଟରେ ରୁକ୍ମିଣୀ ବିଜେ ହୋଇଥିଲେ। ରୁକ୍ମିଣୀଙ୍କୁ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକ ଲାଗି ଏବଂ ଅଳଙ୍କାର ଲାଗିହୋଇ ବେଶ ବଢ଼ିଥିଲା। ଏହି ସମୟରେ ତଢଉକରଣ ରୁକ୍ମିଣୀଙ୍କ ବିଶ୍ୱସ୍ତ ରୂପେ ତାଳପତ୍ର ଓ ଲେଖନୀ ନେଇ ଉପସ୍ଥିତ ଥିଲେ। ପରେ ଭିତରଚ୍ଛ ମହାପାତ୍ର ଚିଟାଉ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ମୁଦ କରାଇଥିଲେ। ଏହାପରେ ବିପ୍ର ବେଶରେ ଜଣେ ସେବକ ଚିଟାଉ ନେଇ ଜୟବିଜୟ ଦ୍ୱାର ନିକଟରେ ଥିବା ମହାପ୍ରଭୁଙ୍କ ନିକଟକୁ ଯାଇଥିଲେ। ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଏବଂ ପାଳିଆ ଖୁଣ୍ଟିଆଙ୍କ ଉପସ୍ଥିତିରେ ବଚନିକା ହୋଇଥିଲା। ମଦନମୋହନ ରଥରେ ବିଜେ ହୋଇ ବିମଳା ମନ୍ଦିର ନିକଟକୁ ଯାଇ ନାଟୁଆ ଗଣେଷଙ୍କ ମନ୍ଦିର ନିକଟରେ ଲୁକାୟତ ଭାବରେ ରୁକ୍ମିଣୀକୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ ପାଲିଙ୍କିରେ ବିଜେ ହୋଇ ବିମଳାଙ୍କ ମନ୍ଦିରକୁ ଆସିଥିଲେ। ସେ ଆଜ୍ଞାମାଳ ପାଇ ବାହାରିବା ବେଳେ ତାଙ୍କୁ ମହାପ୍ରଭୁ ହରଣ କରି ରଥରେ ବସାଇ ନେଇଥିଲେ। ଏ ସମ୍ପର୍କରେ ଖବର ପାଇ ଶିଶୁପାଳ ଆସି ସରସ୍ୱତୀ ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କୁ ପ୍ରତିରୋଧ କରିଥିଲେ। ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ମହାପ୍ରଭୁଙ୍କ ଠାରୁ ଶିଶୁପାଳ ପରାସ୍ତ ହୋଇଥିଲେ। ଫଳରେ ମହାପ୍ରଭୁ ଶିଶୁପାଳକୁ ରଥରେ ବାନ୍ଧି ଦେଇଥିଲେ। ବଳଦେବ ଆସି ଶିଶୁପାଳଙ୍କୁ ବନ୍ଧନ ମୁକ୍ତ କରିବା ପରେ ମଦନମୋହନ ଓ ରୁକ୍ମିଣୀଙ୍କ ବିବାହ ନୀତି ସମ୍ପନ୍ନ ହୋଇଥିଲା।

# ଶରୀରକୁ ସୁସ୍ଥ ରଖେ ଯୋଗ

**ପିପିଲି, ୨୧।୬:(ସ୍ୱ.ପ୍ର./ଡି.ଏନ୍.ଏ):**

ପିପିଲି ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇ ଯାଇଛି। ନୂଆଶାସନ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶିକ୍ଷାବିତ ରାମଚନ୍ଦ୍ର ଦାସ, ପ୍ରଶିକ୍ଷକ ସଞ୍ଜୟ କୁମାର ଓ ସରପଞ୍ଚ ସୌମ୍ୟକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କୁ ଯୋଗ ଶିକ୍ଷା ଦିଆଯାଇଥିଲା। ସେହିପରି ପିପିଲିସ୍ଥିତ ସଙ୍କଟମୋଚନ ହନୁମାନ ମନ୍ଦିର ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏବଂ ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ପକ୍ଷରୁ ଯୋଗ ଶିକ୍ଷା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଗୁରୁ ପ୍ରଭାତ ମହାପାତ୍ର, ପୁରୀ ଜିଲା ଆର୍‌ଏସ୍ଏସ୍ ସମ୍ପର୍କ ପ୍ରମୁଖ ତପନ ସାମଲ, ଜନ୍ମେଜୟ ଜେନା, ସୁକାନ୍ତ ଭଟ୍ଟ, ବିଭୁନା ସାମନ୍ତରାୟ, ସମ୍ପଦ ମହାପାତ୍ର, ଅଶୋକ ପ୍ରଧାନ ପ୍ରମୁଖ ଯୋଗଦେଇ ଯୋଗ ହିଁ ଶରୀରକୁ ସୁସ୍ଥ ରଖେ ବୋଲି କହିଥିଲେ। ଆର୍‌ଏସ୍ଏସ୍ ସଦସ୍ୟ ସୁରେଶ କୁମାର ରଥଙ୍କ ତତ୍ତ୍ୱାବଧାନରେ ପିପିଲି ସରସ୍ୱତୀ ବିଦ୍ୟା ମନ୍ଦିରରେ ଯୋଗ ଦିବସ ପାଳନ ହୋଇଛି। ମଠସାହି ସରସ୍ୱତୀ ବିଦ୍ୟା ମନ୍ଦିର, ନୂଆଶାସନ ଓ ମଙ୍ଗଳପୁରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି।

# ଯୋଗ କରନ୍ତୁ, ସୁସ୍ଥ ରୁହନ୍ତୁ

**କୋଣାର୍କ/ଗୋପ/କାକଟପୁର, ୨୧।୬(ଡି.ଏନ.ଏ.):**

କୋଣାର୍କ ସ୍ଥିତ ଚନ୍ଦ୍ରଭାଗା ବେଳାଭୂମିରେ ସୋମବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। କୋଣାର୍କର ସତ୍ୟସାଇ ଯୋଗକେନ୍ଦ୍ର, ନେହେରୁ ଯୁବକେନ୍ଦ୍ର ପୁରୀ, ବସନ୍ତ ମଞ୍ଜରୀ ପାଠାଗାର ଓ ସତ୍ୟସାଇ ସେବାକେନ୍ଦ୍ରର ମିଳିତ ସହଯୋଗରେ ଭର୍ଚୁଆଲ ମାଧ୍ୟମରେ ନେହ୍ରୁ ଯୁବକେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ ନାୟକ ଉଦ୍‌ଘାଟନ କରିଥିଲେ। ସତ୍ୟସାଇ ଯୋଗକେନ୍ଦ୍ରର ଯୋଗଗୁରୁ ବାମଦେବ ଆଲୁଙ୍କଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ରାମଚଣ୍ଡୀ ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ, ରାଜେଶ ଚନ୍ଦ୍ର ମହାନ୍ତି, କୋଣାର୍କ ଥାନାର ଭାରପ୍ରାପ୍ତ ଅଧିକାରୀ ରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଯୋଗର ଆବଶ୍ୟକତା ଓ ଉପକାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ୨୦ଜଣ ଯୋଗ ପ୍ରଦର୍ଶନ କରିଥିଲେ। ରାମକୃଷ୍ଣ ମହାନ୍ତି, ସୁବାସ ନାୟକ, ଆଲୋକ ବିଶ୍ୱାଳ, ସ୍ମୃତି ରଞ୍ଜନ ସାହୁ, ଦୁର୍ଗା ମାଧବ ସ୍ୱାଇଁ, ବିଚିତ୍ରା ନନ୍ଦ ଲେଙ୍କା, ମନୋଜ ବିଶ୍ୱାଳ, ଶରତ ଚନ୍ଦ୍ର ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋପ ନିଗମାନନ୍ଦ ଖେଳପଡ଼ିଆରେ ଆୟୋଜିତ ଯୋଗ ଶିବିରରେ ଯୋଗଗୁରୁ ମଧୁସ୍ମିତା ସାହୁ ଯୋଗଦେଇଥିଲେ। ଗୋପ ବ୍ଲକ ଅଞ୍ଚଳର ଶତାଧିକ ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶିବିରରେ ବିଭିନ୍ନ ଯୋଗ କରାଯାଇଥିବା ବେଳେ କେଉଁ ଯୋଗ କେଉଁ ରୋଗକୁ ପ୍ରତିରୋଧ କରିପାରିବ ସେନେଇ ଯୋଗକାରୀଙ୍କୁ ସାହୁ ବୁଝାଇଥିଲେ। ସରପଞ୍ଚ ଶ୍ରୀକାନ୍ତ ସ୍ୱାଇଁ, ହୁଙ୍କାର ଓଡ଼ିଆ ସାମାଜିକ ସଙ୍ଗଠନର ନିର୍ଦ୍ଦେଶକ ପ୍ରଶାନ୍ତ ସ୍ୱାଇଁ ଯୋଗଦେଇ ଯୋଗ ସମ୍ପର୍କରେ ମତପ୍ରକାଶ କରିଥିଲେ। ସେହିପରି କାକଟପୁର ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦାରା ଆଶ୍ରମ ମୁଖ୍ୟ ପରିଚାଳିକା ରାଜ ଯୋଗିନି ଭଉଣୀ କୁନ୍ତଳାଙ୍କ ନେତୃତ୍ୱରେ ଭଉଣୀ ବି.କେ.ପୂର୍ଣ୍ଣିମା, ବି.କେ. ସସ୍ମିତା, ବି.କେ.ଲକ୍ଷ୍ମୀଧରଙ୍କ ସମେତ ଆଶ୍ରମର ଅନ୍ତେବାସୀ ଯୋଗ ଦିବସ ପାଳନ କରିଥିଲେ।

# ମହାପ୍ରଭୁଙ୍କ ସେନାପଟା ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲା ବଉଳ କାଠ

**ପୁରୀ ଅଫିସ/ସାକ୍ଷୀଗୋପାଳ, ୨୧।୬(ଡି.ଏନ୍.ଏ.):**

ଚଳିତ ମାସ ୨୪ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଜୁଲାଇ ୧୨ରେ ଘୋଷଯାତ୍ରା। ଏହି ଅବସରରେ ମହାପ୍ରଭୁଙ୍କ ଗୁପ୍ତ ସେନାପଟା ଲାଗି ନୀତି ଅନୁଷ୍ଠିତ ହୋଇଥାଏ। ଏହି ନୀତି ପାଇଁ ବଉଳ କାଠ ଆବଶ୍ୟକ ହୋଇଥାଏ। ଏହି ପରିପ୍ରେକ୍ଷୀରେ ରୁକ୍ମିଣୀ ହରଣ ଏକାଦଶୀ ତିଥିରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିବାକୁ ଥିବା ବାହୁଟ ଏବଂ ସେନାପଟା ପାଇଁ ବଉଳ କାଠ ସୋମବାର ସାକ୍ଷୀଗୋପାଳସ୍ଥିତ ବକୁଳବନରୁ ଆସି ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ଉତ୍ତର ପାର୍ଶ୍ୱ ମଠ ମହାରାଜାଙ୍କ ଉପସ୍ଥିତିରେ କରତି ସେବକ, ଶ୍ରୀମନ୍ଦିର ତତ୍ତ୍ୱାଧାରକଙ୍କ ଉପସ୍ଥିତିରେ କାଠ ଶଗଡି ମାଧ୍ୟମରେ ଆସି ଦୋଳବେଦି ପରିସରରେ ପହଞ୍ଚିଥିଲା। ମହାପ୍ରଭୁଙ୍କ ବାହୁଟ ଏବଂ ସେନାପଟା ଲାଗି ତିନିଖଣ୍ଡ ବଉଳ କାଠ ଶ୍ରୀକ୍ଷେତ୍ରରେ ପହଞ୍ଚିଛି।

ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭୋଇ ସେବାୟତମାନେ ମହାପ୍ରସାଦ, ଆଜ୍ଞାମାଳ, ନୂତନବସ୍ତ୍ର, ଧୂପଦୀପ ଦେଇ ବୃକ୍ଷକୁ ବରଣ କରିଥିଲେ। ବକୁଳବନର ଶେଷଭାଗ ସାରୁଗଡିଆ ନିକଟରେ ରହିଥିବାରୁ ଗ୍ରାମର ମହିଳାମାନେ ଦୁବ ବରକୋଳି ପତ୍ର, ଅରୁଆ ଚାଉଳ ଓ ଫୁଲ, ହରିବୋଲ ହୁଳହୁଳି ଦେଇ ବୃକ୍ଷଟିକୁ ବନ୍ଦାପନା କରିଥିଲେ। ପରେ ନିର୍ଦ୍ଧାରିତ ମାପରେ ବୃକ୍ଷକୁ କଟାଯାଇଥିଲା। ଘଣ୍ଟ ମାର୍ଦ୍ଦଳ, ବୈରଖ, ଧ୍ୱଜା ସହ ସଂକୀର୍ତ୍ତନ ମଣ୍ଡଳୀ ବଉଳ କାଠ ଶଗଡିକୁ ସିଦ୍ଧବକୁଳ ମନ୍ଦିର ନିକଟକୁ ପାଛୋଟି ଆଣିଥିଲେ। ସତ୍ୟବାଦୀ ତହସିଲଦାର ମନୋଜ ନାୟକ, ବିଡିଓ କ୍ଷୀରୋଦ ବେହେରା, ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ଉତ୍ତରପାର୍ଶ୍ୱ ମଠାଧୀଶ ତଥା ଏମାରମଠ ଟ୍ରଷ୍ଟି ମହନ୍ତ ନାରାୟଣ ରାମାନୁଜ ଦାସ ସବୁଜ ପତାକା ଦେଖାଇ ଶଗଡିକୁ ମେଲାଣି ଦେଇଥିଲେ। ଏହି ଅବସରରେ ଗତବର୍ଷ ବଉଳବୃକ୍ଷ ଦାନ କରିଥିବା ହୃଷୀକେଶ ମହାନ୍ତି, କାଳୀପ୍ରସନ୍ନ ମହାନ୍ତି, ଶ୍ରୀମନ୍ଦିର ରଥ ନିର୍ମାଣ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ସର୍ଦ୍ଦାର ଭୋଇ ସେକ ରବି ଭୋଇ, କାର୍ତ୍ତିକ ଭୋଇ, ଶଗଡିଆ ବାନାମ୍ବର ପ୍ରଧାନ, ସିଦ୍ଧବକୁଳଙ୍କ ସେବକ ଦେବରାଜ ପଣ୍ଡା, ଶ୍ରୀରାଧା ମଣ୍ଡଳୀ ଓ ଶ୍ରୀଗୋପାଳଜୀଉ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଘଣ୍ଟ ମାର୍ଦ୍ଦଳ, ହରିନାମ କୀର୍ତ୍ତନ କରି ବକୁଳବନରୁ ବ୍ଲକଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କୋଭିଡ୍ ଗାଇଡଲାଇନରେ କରାଯାଇଥିଲା। ସେହିପରି ବୀରଗୋବିନ୍ଦପୁର ଠାରେ ପ୍ରତାପ ପାହାନ୍ତାସିଂହଙ୍କ ପରିବାର ବନ୍ଦାପନା କରିଥିଲେ। ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ବିଶ୍ୱାଳ, ଯଯାତି ରାୟ, ପ୍ରଫୁଲ୍ଲ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଏବିଆଇଟି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

କଟକ,୨୧।୬ : କଟକ ସିଡିଏ ସ୍ଥିତ ବୈଷୟିକ ଶିକ୍ଷାନୁଷ୍ଠାନ ଅଜୟ ବିନୟ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଏବିଆଇଟି) ପକ୍ଷରୁ ସୋମବାର ଅନ୍ତର୍ଜାତୀୟ ଯୋଗ ଦବିସ ପାଳିତ ହୋଇଯାଇଛି। ଭର୍ଚ୍ଚୁଆଲ ମାଧମରେ ଆୟୋଜନ ଏହି କାର୍ଯ୍ୟକ୍ରମକୁ ଯୋଗ ଗୁରୁ ଶ୍ୟାମସୁନ୍ଦର ସାହୁ ଓ ଭୋଳାନାଥ ନାୟକ ସମ୍ପାଦନା କରିଥିଲେ।

ଏହି ଅବରରେ ଏ.ବି.ଆଇ.ଟିର ନିର୍ଦ୍ଦେଶକ ଇଂ ସତ୍ୟଦର୍ଶୀ ମିଶ୍ର, ଇଂ ପାୟଲ ମହାପାତ୍ର (ନିର୍ଦ୍ଦେଶକ,ଏବିଆଇଟି ଓ ପିଏମସିଏ ଟ୍ରଷ୍ଟ) ଅଧକ୍ଷା ଡ଼ ଲିନା ସାମନ୍ତରାୟ, ଡିନ (ଏକାଡେମିକ୍ସ) ଡ଼. ପି.କେ. ପାଣି, ଡିନ (ଅପରେସନ) ଡ଼. ବି.ଏନ. ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ଭର୍ଚ୍ଚୁଆଲ ମୋଡ଼ରେ ଆୟୋଜିତ ଏହି ଶିବିରକୁ ଏ.ବି.ଆଇ.ଟିର ୱେଲନେସ ମ୍ୟାନେଜମେଣ୍ଟ ଆଣ୍ଡ ଷ୍ଟୁଡେଣ୍ଟ କାଉନସେିଂଲ ସେଲ ଦ୍ୱାରା ଆୟୋଜନ କରାଯାଇଥିଲା। ଯୋଗ ଦିବସ ଉପଲକ୍ଷେ ଅନୁଷ୍ଠାନର ଇଂଜିନିୟରିଂ, ଏମବିଏ, ଏମସିଏ, ବିଏସି ଆଇଟିଏମ ବିଭାଗର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଇଲେକ୍ଟ୍ରିକାଲ ବିଭାଗର ସହକାରୀ ଅଧାପିକା ଇଂ ସୁଭଦ୍ରା ବେହେରା ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ମାହାଙ୍ଗା,୨୧।୬(ସ୍ୱ.ପ୍ର.):ମାହାଙ୍ଗା ବ୍ଲକ ଅନ୍ତର୍ଗତ ଉଷୁମା ପଞ୍ଚାୟତ ପାଟଣାଗ୍ରାମର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନ୍ଦ୍ର ନାଥ ପ୍ରଧାନ(୬୩)ଙ୍କ ସୋମବାର ପରଲୋକ ଘଟିଛି। ସେ ଚାଷ କାର୍ଯ୍ୟ ବୁଝିବାକୁ ଜମିକୁ ଯାଇଥିଲାବେଳେ ମୁଣ୍ଡବୁଲାଇ ଦେବାରୁ ପଡ଼ିଯାଇଥିଲେ। ତୁରନ୍ତ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଧାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପ୍ରଧାନ ଜଣେ ଛାତ୍ର ବତ୍ସଳ ଓ ମେଳାପୀ ଶିକ୍ଷକ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ସେ ସ୍ଥାନୀୟ ଆଚାର୍ଯ୍ୟ ପ୍ୟାରିମୋହନ ବିଦ୍ୟାନିକେତନରେ ଶିକ୍ଷକତା ଆରମ୍ଭ କରି କୋରାପୁଟ ସ୍ଥାନାନ୍ତର ହୋଇଥିଲେ। ପରେ ବଡମ୍ବାରୁ ପ୍ରଧାନ ଶିକ୍ଷକଭାବେ ଅବସର ନେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅଙ୍ଗନୱାଡିକର୍ମୀଙ୍କୁ ସ୍ମାର୍ଟଫୋନ୍ ବଣ୍ଟନ

ସାଲେପୁର, ୨୧।୬(ଡି.ଏନ୍.ଏ.): ସାଲେପୁର ବ୍ଲକ୍ ଅନ୍ତର୍ଗତ ୩୫ ପଞ୍ଚାୟତର ଅଙ୍ଗନୱାଡି କର୍ମୀଙ୍କୁ ସୋମବାର ସ୍ମାର୍ଟ ଫୋନ୍ ବଣ୍ଟନ କରାଯାଇଛି। କରୋନା କଟକଣା ମଧ୍ୟରେ ସାଲେପୁର ମଧୁସ୍ମୃତି ଭବନଠାରେ ସିଡିପିଓ ସୁଷମା ମହାପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀଙ୍କୁ ସ୍ମାର୍ଟ ଫୋନ୍ ଓ ପାୱାର ବ୍ୟାଙ୍କ୍ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ଉପାଧକ୍ଷ ରମେଶ ଜେନା, ଆମ୍ବା ସଭାପତି ଦିଲ୍ଲୀପ ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବାଲିସାହି ସମିତିସଭ୍ୟ ବିଭୂତିଭୂଷଣ ଦାଶ, ସରପଞ୍ଚ ପ୍ରତିନିଧି ଜୟରାମ ବେହେରା, ବିରଞ୍ଚି ନାରାୟଣ କର, ସୌମ୍ୟରଞ୍ଜନ ମଲ୍ଲ ଓ ଚନ୍ଦ୍ରାଦେଇପୁର ସରପଞ୍ଚ ଅନିଲ କୁମାର ଦାଶ ପ୍ରମୁଖ ପରିଚାଳନା କରିଥିଲେ।

### କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ

ସାଲେପୁର, ୨୧।୬(ଡି.ଏନ୍.ଏ.): କଥାଶିଳ୍ପୀ ପଦ୍ମଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ୯୯ତମ ଜୟନ୍ତୀ ସୋମବାର ତାଙ୍କ ଜନ୍ମପୀଠ ପୁରୁଷୋମପୁରଠାରେ ପାଳିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟୁଷରେ ଗ୍ରାମର ପୁରୁଷୋତ୍ତମପୁର କ୍ଲବ ନିକଟସ୍ଥ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପାଗା ବାଇପାସ୍ ନିକଟରେ ଥିବା ସୁରେନ୍ଦ୍ର ମହାନ୍ତିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମଧୁସୂଦନ ନାଗରିକ ମଞ୍ଚର ସଭାପତି ସୁରେନ୍ଦ୍ର ମହାରଣା, ହେମନ୍ତ କୁମାର ବେହୁରା, ପ୍ରଫୁଲ୍ଲ କୁମାର ନନ୍ଦ, ଲିଙ୍ଗରାଜ ପାଣି, ବିଶ୍ୱରଞ୍ଜନ ସାହୁ, ରାମଚନ୍ଦ୍ର ପାଣି, ଚକ୍ରଧର କାଣ୍ଡି, ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଚଢ଼ାଉ ସତ୍ତ୍ୱେ ଜମୁଛି ଜୁଆଖେଳ

**ପୋଲିସ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ**

କଟକ ଅଫିସ, ୨୧।୬



କଟକ ସହରର ବିଭିନ୍ନ ଥାନା ଅଞ୍ଚଳରେ ଥିବା ସାହି ଓ ବସ୍ତିରେ ଜୁଆଖେଳ ହେଉଛି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଚଢାଉ କରି ନାମକୁ ମାତ୍ର କେତେଜଣଙ୍କୁ ଗିରଫ କରୁଛି। ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରେ ପୁନର୍ବାର ଜୁଆଖେଳ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ମାତ୍ର ପୋଲିସ ଜୁଆଖେଳକୁ ସମ୍ପୂର୍ଣ୍ଣ ବନ୍ଦ କରିବାରେ ବିଫଳ ହୋଇଛି। ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କେତେଜଣ ବେକାର ଯୁବକ ନିଜ ଅଞ୍ଚଳରେ ଜୁଆ ଖେଳକୁ ବ୍ୟବସାୟ କରି ନିରୀହ ଲୋକଙ୍କୁ ପ୍ରଭାବିତ କରି ପ୍ରତିଦିନ ଲକ୍ଷାଧିକ ଟଙ୍କା ନେଉଛନ୍ତି। ଅଳ୍ପ ଟଙ୍କା ବିନିଯୋଗ କରି ଅଧିକ ପାଇବା ଆଶାରେ ସମାଜର କିଛି ଦୁର୍ବଳ ଶ୍ରେଣୀର ଲୋକ ଜୁଆ,ସଟ୍ଟା ଓ ଲଟେରୀ ମୋହର ବଶବର୍ତ୍ତୀ ହେଉଛନ୍ତି। ସହରର ଚାନ୍ଦିନୀଚୌକ ଦରଜୀ ସାହି, ମଙ୍ଗଳାବାଗ, ଚୌଧୁରୀ ବଜାର ଚୂନଭାଟି ଗଳି, ମାଛୁଆବଜାର, ବାସୁଳୀସାହି ଛକ, ରାଣୀହାଟ ଶଗଡିଆ ସାହି, ଜୋବ୍ରା ଓ ଖାନ୍‌ନଗର ଆଦି ଅଞ୍ଚଳରେ ଜୁଆ, ସଟ୍ଟା ଓ ଲଟେରି ଖେଳ ହେଉଥିବା ଥାନାରେ ଅଭିଯୋଗ ହୋଇଛି। ହେଲେ ପୋଲିସ ଧର୍ମକୁ ଆଖିଠାର ସଦୃଶ କିଛି ସ୍ଥାନରେ ଚଢ଼ଉ କରି ଦାୟିତ୍ୱ ସାରି ଦେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗତ ୧୭ ତାରିଖରେ କଟକ ଯୋବ୍ରା ଅଞ୍ଚଳର ଏକ ଘରେ ଜୁଆଖେଳ ହେଉଥିବାବେଳେ ମାଲଗୋଦାମ ପୋଲିସ ଚଢାଉ କରି ୧୧ ଜଣଙ୍କୁ ଗିରଫ କରିଥିଲା। ଏଥିସହ ସେଠାରୁ ସାଢେ ୪ ଲକ୍ଷ ଟଙ୍କା ଜବତ କରିଥିଲା। ସେହିପରି କିଛିଦିନ ତଳେ ନୟାସଡ଼କ ହେମରାଜ ଗଳିରେ ସଟ୍ଟା ଖେଳ ହେଉଥିବାବେଳେ ପୁରୀଘାଟ ଥାନା ପୋଲିସ ଚଢାଉ କରିଥିଲା। ସେଠାରୁ ଟଙ୍କା, ତାସ୍, ନମ୍ବର ଲେଖା ହୋଇଥିବା କାଗଜ ଜବତ ହୋଇଥିଲା। ସେହିପରି ପୁରୀଘାଟ ଥାନା ଅଧୀନ ମାଣିଘୋଷ ବଜାର ଅଞ୍ଚଳର ଏକ ଜୁଆଆଡ୍ଡାରେ ପୋଲିସ ଚଢାଉ କରି ଅମିତ୍ ଅଗ୍ରୱାଲ ନାମକ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଅଗ୍ରୱାଲ ଜେଲ୍‌ରୁ ଫେରି ପୁନର୍ବାର ଉକ୍ତ ସ୍ଥାନରେ ଜୁଆଖେଳ ଚଳାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଡିସିପି ପ୍ରତୀକ ସିଂ କହିଛନ୍ତି, ଜୁଆଆଡା ଉପରେ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଛି। ୨୦୧୯ରେ ବିଭିନ୍ନ ଥାନା ପକ୍ଷରୁ ଜୁଆଆଡ୍ଡାରେ ଚଢ଼ଉ କରାଯାଇଛି। ୧୭୫ ଜଣଙ୍କୁ ଗିରଫ କରାଯିବା ସହ ୩ ଲକ୍ଷ ୩୭ ହଜାର ୪୪୭ ଟଙ୍କା, ୭୨ ମୋବାଇଲ ଓ ୨୭ ବାଇକ ଜବତ କରାଯାଇଛି। ଏ ନେଇ ୨୪ଟି ମାମଲା ରୁଜୁ ହୋଇଛି। ସେହିପରି ୨୦୨୦ରେ ବିଭିନ୍ନ ଜୁଆଆଡ୍ଡାରେ ଚଢ଼ଉ କରାଯାଇ ୫୪ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୩୯ ହଜାର ଟଙ୍କା ଓ ୮ ମୋବାଇଲ ଜବତ କରାଯାଇଛି। ଏନେଇ ବିଭିନ୍ନ ଥାନାରେ ୧୪ ମାମଲା ରୁଜୁ ହୋଇଛି। ସେହିପରି ୨୦୨୧ ଜାନୁୟାରୀରୁ ଏପର୍ଯ୍ୟନ୍ତ ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ଜୁଆଆଡ୍ଡାରେ ପୋଲିସ ଚଢାଉ କରିଛି। ହେଲେ ଏ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ମୋ ପାଖରେ ନାହିଁ ବୋଲି ଡିସିପି ସିଂ ସୂଚନା ଦେଇଛନ୍ତି।

# ଦୋଷୀ କର୍ମଚାରୀଙ୍କ ବିରୋଧରେ ମାମଲା ଦାଏର କର

**ଉରାଳି ପଞ୍ଚାୟତ ଅର୍ଥ ତୋସରପାତ ମାମଲା**

କଟକ ସଦର,୨୧।୬(ଡି.ଏନ.ଏ.)

କଟକ ସଦର ବ୍ଲକ ଅଧୀନ ଉରାଳି ପଞ୍ଚାୟତର ଅର୍ଥ ତୋସରପାତ ମାମଲାର ଚୂଡାନ୍ତ ନିର୍ଦ୍ଦେଶନାମା ସୋମବାର କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଜାରି କରିଛନ୍ତି। ଏହି ତୋସରପାତ ମାମଲାରେ ଦୋଷୀ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଓ ଫୌଜଦାରି ମାମଲା ଦାଏର ପାଇଁ ବିଡିଓ ରାଜୀବଲୋଚନ ପରିଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଆଉ କାହାର ସମ୍ପୃକ୍ତି ରହିଛି, ତାହାର ତଦନ୍ତ ପାଇଁ ଉପଜିଲାପାଳ କହିଛନ୍ତି। ତୋସରପାତ ହୋଇଥିବା ୫୪ ହଜାର ଟଙ୍କା ଗତ ୮ ତାରିଖରେ ପଞ୍ଚାୟତ ଆକାଉଣ୍ଟରେ ଜମା କରାଯାଇଛି। ହେଲେ ବିଡିଓ କି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତାହା ଦେଖିବା ପାଇଁ ସମସ୍ତେ ଅପେକ୍ଷା କରିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ସ୍ଥାନୀୟ ଅଞ୍ଚଳର ଏକ କମ୍ପାନୀରୁ ୬୦ ହଜାର ଟଙ୍କା ଟିକସ ଆଦାୟ କରାଯାଇଥିଲା। ସେଥିମଧ୍ୟରୁ ୬ ହଜାର ଟଙ୍କା ପଞ୍ଚାୟତ ଆକାଉଣ୍ଟକୁ ଆସିଥିବାବେଳେ ବାକି ୫୪ ହଜାର ଟଙ୍କା ତୋସରପାତ କରାଯାଇଥିଲା। ଏ ନେଇ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଏପ୍ରିଲରୁ ତଦନ୍ତ ଆରମ୍ଭ ହୋଇଥିଲା।

# ଦକ୍ଷ ପୋଲିସ ଅଫିସର ଥିଲେ ଦେବାଶିଷ

କଟକ ଅଫିସ, ୨୧।୬

ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଥିଲେ ଦକ୍ଷ ପୋଲିସ ଅଫିସର। ଏଥିସହ ସେ ଜଣେ ସୁସାହିତ୍ୟିକ ଓ ଗାଳ୍ପିକ ଥିଲେ। ତାଙ୍କ ଅନୁପସ୍ଥିତି ଓଡ଼ିଶା ଭିଜିଲାନ୍ସ ବିଭାଗ ପାଇଁ ଅପୂରଣୀୟ କ୍ଷତି ବୋଲି ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ସୋମବାର ଆୟୋଜିତ ଶୋକସଭାରେ ଯୋଗଦେଇଥିବା ଅଧିକାରୀମାନେ କହିଥିଲେ। ପାଣିଗ୍ରାହୀଙ୍କ ସମୟରେ ଭୁବନେଶ୍ୱରଠାରେ ରାଜ୍ୟ ଭିଜିଲାନ୍ସ ଏକାଡେମୀ ଓ ରାଉରକେଲାଠାରେ ନୂତନ ଭାବେ ଡିଭିଜନ ଗଠନ ହୋଇଥିଲା ବୋଲି ସେମାନେ କହିଥିଲେ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଅନ୍‌ଲାଇନ ମାଧ୍ୟମରେ ଉକ୍ତ ଶୋକସଭା ସୋମବାର ଅନୁଷ୍ଠିତ ହୋଇଥିଲା। ଭିଜିଲାନ୍ସ ଆଇଜି ଘନଶ୍ୟାମ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଳ, ଆଇନ ପରାମର୍ଶଦାତା ଆର୍.ଏସ୍. ହୋତା, ଏଆଇଜି ଅନିଲ କୁମାର ପାତ୍ର, ଭିଜିଲାନ୍ସ ନିର୍ଦ୍ଦେଶାଳୟ, ସମସ୍ତ ଡିଭିଜନ, ଭୁବନେଶ୍ୱର ଲୋକସେବା ଭବନସ୍ଥିତ ଭିଜିଲାନ୍ସ ସ୍ପେଶାଲ ସେଲ୍ ଓ ଭିଜିଲାନ୍ସ ସେଲ୍ ୟୁନିଟ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଦେବାଶିଷ ଥିଲେ ଅଜାତଶତ୍ରୁ। ବାଣୀବିହାର ଓ ରେଭେନ୍‌ଶା ସହପାଠୀମାନଙ୍କ ପକ୍ଷରୁ ସୋମବାର ଆୟୋଜିତ ଅନ୍‌ଲାଇନ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥିମାନେ ଏହା କହିଥିଲେ। ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ, ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଆଡ୍‌ଭୋକେଟ ପୀତାମ୍ବର ଆଚାର୍ଯ୍ୟ, ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସ୍ୱତନ୍ତ୍ର କମିଶନର ଦିଲ୍ଲୀପ ରାଉତରାୟ, ଆୟକର ବିଭାଗ ଅଧିକାରୀ ପ୍ରଫୁଲ୍ଲ ପୃଷ୍ଟି, ବିଶ୍ୱରଞ୍ଜନ ସାସମଲ, ହେମନ୍ତ ନାୟକ, ପରିବେଶବିତ୍ ରତିକାନ୍ତ ମହାନ୍ତି, ପ୍ରଫେସର ମିତାଲି ଚିନରା ପ୍ରମୁଖ ଯୋଗଦେଇଥିଲେ। ଆଡ୍‌ଭୋକେଟ ବିରଜା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଅନ୍ତର୍ଜାତୀୟ ଯୋଗଦିବସ ପାଳନ ଅବସରରେ କଟକ ମହାନଦୀ ବିହାର ଅଞ୍ଚଳରେ ସୋମବାର ଯୁବତୀ ଓ ମହିଳାମାନେ ଯୋଗ କରୁଛନ୍ତି।

# ଟିକାକରଣ କେନ୍ଦ୍ରରେ ଅବ୍ୟବସ୍ଥା

ଚୌଦ୍ୱାର,୨୧।୬(ଡି.ଏନ୍.ଏ.)

ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଟିକାକରଣ ପାଇଁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଟିକାକେନ୍ଦ୍ରରେ ଲୋକଙ୍କ ଭିଡ଼ ଜମିଥିଲା। ସେଠାରେ ପୋଲିସ ଲୋକମାନଙ୍କୁ ଟୋକନ୍ ପ୍ରଦାନ କରି ଟିକାଦାନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବାକୁ ଚେଷ୍ଟା କରିଥିଲା। ଏହି କେନ୍ଦ୍ରକୁ ମାତ୍ର ୨୦୦ ଡୋଜ୍ ଟିକା ଆସିଥିଲା। ହେଲେ ବହୁସଂଖ୍ୟକ ଆଶାୟୀ ଥିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ବହୁ ଲୋକ ଟିକା ନେଇ ନ ପାରି ଫେରିଯାଇଥିବା ଜଣାପଡିଛି। ଅପରପକ୍ଷେ ଦୁଇଟି ଧାଡିରେ ସ୍ଲଟ୍ ବୁକିଂ କରି ଆସିଥିବା ବ୍ୟକ୍ତି ଓ କେନ୍ଦ୍ରରେ ତୁରନ୍ତ ପଞ୍ଜୀକରଣ କରିଥିବା ବ୍ୟକ୍ତିଙ୍କୁ ଟିକା ଦିଆଯାଇଥିଲା। ମାତ୍ର ଲୋକେ ଏହାକୁ ଠିକ୍ ଭାବେ ବୁଝି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଗାମୀ ଦିନରେ ଠିକ୍ ଭାବେ ଟିକାକରଣ ପାଇଁ ବ୍ୟବସ୍ଥା କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି ହୋଇଛି।

# ତଥ୍ୟ ଲୁଚାଉଛି ସିଏମ୍‌ସି

**ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ**

କଟକ ଅଫିସ,୨୧।୬

କଟକ ମହାନଗର ନିଗମ(ସିଏମ୍‌ସି) ସୂଚନା ଅଧିକାର ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଆବଶ୍ୟକ ତଥ୍ୟ ଦେଉ ନ ଥିବାରୁ ଏ ନେଇ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ ସୋମବାର ଡାକ ମାଧ୍ୟମରେ ରାଜ୍ୟ ସୂଚନା କମିଶନଙ୍କୁ ଅଭିଯୋଗ ପତ୍ର ପଠାଇଛନ୍ତି । ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ୨୦୧୯ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବସ୍ତିବାସିନ୍ଦାଙ୍କୁ କେଉଁ ସ୍ଥାନରେ ଥଇଥାନ କରାଯାଇଛି, ସମସ୍ତ ଟେଣ୍ଡରର କାଗଜପତ୍ର, ଖର୍ଚ୍ଚ ହୋଇଥିବା ଅର୍ଥର ବିଲ୍, ଭାଉଚର, ରସିଦ ଏବଂ କେଉଁ ହିତାଧିକାରୀଙ୍କୁ କେତେ ଅର୍ଥ ପ୍ରଦାନ କରାଯାଇଛି ଏହାର ତଥ୍ୟ ସିଏମ୍‌ସିକୁ ମଗାଯାଇଥିଲା । ଗତ ଏପ୍ରିଲ ୧୩ରେ ଜିତେନ୍ଦ୍ର ସୂଚନା ଅଧିକାର ଆଇନ ବଳରେ ସିଏମ୍‌ସି ଜନ ସୂଚନା ଅଧିକାରୀଙ୍କୁ ମାଗିଥିଲେ। ସମ୍ପୃକ୍ତ ଅଧିକାରୀ ଗତ ୧୭ ତାରିଖରେ ୨୦୦୭, ୨୦୨୦ ଏବଂ ୨୦୨୧ ମସିହାର ତଥ୍ୟ ଦେଇଥିଲେ ମଧ୍ୟ ୨୦୧୯ ମସିହାର ତଥ୍ୟ ଦେଇ ନ ଥିଲେ। ଅନ୍ୟପକ୍ଷରେ ମୋଟ୍ ୯କୋଟି ୫ ଲକ୍ଷ ୭୮ ହଜାର ୮୯୧ଟଙ୍କା ବସ୍ତିବାସିନ୍ଦାଙ୍କ ସୁବିଧା ପାଇଁ ଖର୍ଚ୍ଚ କରାଯାଇଥିବା ଜିତେନ୍ଦ୍ରଙ୍କୁ ଦିଆଯାଇଥିବା ତଥ୍ୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ସିଏମ୍‌ସି ଜନ ସୂଚନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଖାଲି ପଡ଼ିଛି ଟ୍ରାଫିକ ପୋଷ୍ଟ



**ନିୟମ ଭାଙ୍ଗି ଯାତାୟାତ କରୁଛନ୍ତି ଚାଳକ**

କଟକ ଅଫିସ,୨୧।୬

କୋଭିଡ୍ ସଂକ୍ରମଣ ହ୍ରାସ କରିବା ପାଇଁ ସହରରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ଶନିବାର, ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ପରେ ସୋମବାର ସହରର ରାସ୍ତାରେ ବହୁସଂଖ୍ୟକ ଯାନବାହନ ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ଟ୍ରାଫିକ ପୋଷ୍ଟଗୁଡିକ ଖାଲି ପଡିଥିବାବେଳେ ଲୋକମାନେ ଟ୍ରାଫିକ ନିୟମ ଭାଙ୍ଗି ଯାତାୟାତ କରୁଥିଲେ। ବିଶେଷକରି ରାଣୀହାଟ, ମଙ୍ଗଳାବାଗ, ବକ୍ସିବଜାର, କଲେଜଛକ, ବାଦାମବାଡି, ଲିଙ୍କ୍‌ରୋଡ, ଚୌଧୁରୀବଜାର ଆଦି ଛକରେ ଥିବା ଟ୍ରାଫିକ ପୋଷ୍ଟରେ ଟ୍ରାଫିକ କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଆଗାମୀ ଦିନରେ ଏଥିପ୍ରତି ପଦକ୍ଷେପ ନିଆ ନ ଗଲେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏ ସମ୍ପର୍କରେ ଟ୍ରାଫିକ୍ ଆଇଆଇସି ଏମ.ଆର୍ ବିଲୁଙ୍ଗ କହିଛନ୍ତି, ଟ୍ରାଫିକ ପୋଲିସ କୋଭିଡ୍ କାମରେ ନିୟୋଜିତ ଅଛନ୍ତି। କିଛି ଜନଗହଳି ସ୍ଥାନରେ ଭିଡ ନିୟନ୍ତ୍ରଣ ପାଇଁ ଆଗାମୀ ଦିନରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବଢୁଛି ବେଆଇନ ବାଲି, ମୋରମ ଚାଲାଣ

**ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି**

ବାଙ୍କୀ,୨୧।୬(ସ୍ୱ.ପ୍ର.)

ବାଙ୍କୀ ବ୍ଲକରେ ଦିନକୁ ଦିନ ବେଆଇନ ବାଲି ଓ ମୋରମ ଚାଲାଣ ବଢ଼ି ଚାଲିଛି। ବାଙ୍କୀ ତହସିଲ ଅନ୍ତର୍ଗତ ଓସ୍ତିଆ ବାଲିଘାଟ ସରକାରୀସ୍ତରରେ ବନ୍ଦ ହୋଇଯାଇଛି। ଏହାସତ୍ତ୍ୱେ ବାଲି ଚାଲାଣକାରୀମାନେ ମହାନଦୀରୁ ଚୋରାରେ ବାଲି ଉଠାଇ ଓସ୍ତିଆ ପଞ୍ଚାୟତସ୍ଥିତ ନୂଆଓସ୍ତିଆ ଗାଁ ମୁଣ୍ଡର ଏକ ଖୋଲା ସ୍ଥାନରେ ଗଦା କରି ବିକ୍ରି କରୁଛନ୍ତି। ସେହିପରି ଅଂଶୁପା କୂଳରୁ ମୋରମ ଆଣି ମାଫିଆମାନେ ଠିକାଦାରମାନଙ୍କୁ ସରକାରୀ ଓ ବେସରକାରୀ କାର୍ଯ୍ୟରେ ଯୋଗାଇ ଦେଉଥିବା ବେଳେ ଏହାକୁ ବାହାରକୁ ମଧ୍ୟ ଚାଲାଣ କରୁଛନ୍ତି। ରତାଗଡ ରାଜସ୍ୱ ନିରୀକ୍ଷକ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ଅଳ୍ପ ଦୂରରେ ଚୋରା ବାଲି ଓ ମୋରମ ଚାଲାଣ କରାଯାଉଛି। ଚୋରା ବାଲି ଓ ମୋରମ ଚାଲାଣକାରୀଙ୍କ ଏଭଳି କାରବାର ଯୋଗୁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏହାସତ୍ତ୍ୱେ ପ୍ରଶାସନିକ ଅଧିକାରୀମାନେ ଚୁପ୍ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସବୁ ଚୋରା ଚାଲାଣ ଉପରେ ରୋକ ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା କହିଛନ୍ତି, ସବୁ ବାଲିଘାଟ ବନ୍ଦ ରହିଛି। ସେସବୁ ସ୍ଥାନରେ ସିମେଣ୍ଟ ଖୁଣ୍ଟ ପୋତି ତାର ବାଡ଼ ଦିଆଯାଇଛି। ତେବେ ଏସବୁ ଅଭିଯୋଗ ସମ୍ପର୍କରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ୫ ସମବାୟ ସମିତିରେ ଅଚଳାବସ୍ଥା

**ସମ୍ପାଦକ ପଦବୀ ଖାଲି**

କଟକ ସଦର,୨୧।୬(ଡି.ଏନ.ଏ.)

କଟକ ସଦର ବ୍ଲକ ଅଞ୍ଚଳର ଚାଷୀମାନେ ଜୁନ୍ ମାସରୁ ଖରିଫ ଫସଲ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବିଶେଷକରି ଧାନଚାଷ ପାଇଁ ବିହନ, ସାର, କୀଟନାଶକ କ୍ରୟ କରିବାକୁ ଏହି ବ୍ଲକର ଅଧିକାଂଶ ଚାଷୀ ସେବା ସମବାୟ ସମିତି ଋଣ ଉପରେ ନିର୍ଭର କରିଥାନ୍ତି। ଏବେ ୫ଟି ସେବା ସମବାୟ ସମିତିରେ ସମ୍ପାଦକ ପଦବୀ ଖାଲି ପଡିଥିବାରୁ ଅଚଳାବସ୍ଥା ଦେଖାଦେଇଛି। ଅଫ୍‌ଲାଇନରେ ଋଣ ସଂକ୍ରାନ୍ତୀୟ କାଗଜପତ୍ର କାମ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଯାହାକୁ ନେଇ ସମିତିସଭ୍ୟ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଗତିରାଉତପାଟଣା, ବିଦ୍ୟାଧରପୁର, କୂଳସରିଚୁଆଁ, ଉତ୍ତମାପୁର ଓ ପ୍ରତାପନଗରୀ ସେବା ସମବାୟ ସମିତିର ସମ୍ପାଦକ ପଦବୀ ଖାଲି ରହିଛି। ଏଠାରେ କାମ ତୁଲାଇବା ପାଇଁ ବାରଙ୍ଗ ବ୍ଲକର ବିଭିନ୍ନ ସମବାୟ ସମିତି ସମ୍ପାଦକଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆଯାଇଛି। ସମ୍ପୃକ୍ତ ସମ୍ପାଦକମାନେ ନିଜ ମୂଳ ଦାୟିତ୍ୱ ସହ ଅତିରିକ୍ତ ଦାୟିତ୍ୱ ତୁଲାଇବା ସମ୍ଭବ ହେଉନାହିଁ। ଏହାଛଡା ସମବାୟ ସମିତିରେ ସହ ସମ୍ପାଦକ ପଦବୀ ମଧ୍ୟ ଖାଲି ରହିଥିବା ଜଣାପଡିଛି। ଚାଷୀମାନେ କଟକ ସର୍କଲ ସହକାରୀ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ନିରାଶରେ ଫେରୁଛନ୍ତି। କାରଣ ଏଠାରେ ମଧ୍ୟ ନିବନ୍ଧକ ପଦବୀ ଖାଲି ରହିଛି। କରୋନା ପାଇଁ ୧ ବର୍ଷ ହେବ ନିର୍ବାଚନ ହୋଇପାରୁ ନ ଥିବାରୁ ସମିତିଗୁଡିକରେ ବୋର୍ଡ ଗଠନ ହୋଇନାହିଁ। କଟକ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦବୀ ପୂରଣ ପାଇଁ ବ୍ୟବସ୍ଥା କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

# ଜଳସେଚନ, ଦୁର୍ବଳ ନଦୀବନ୍ଧ ମରାମତି ଉପରେ ଗୁରୁତ୍ୱ

**କଟକ ଜିଲା ପରିଷଦ ବୈଠକ**

କଟକ ଅଫିସ, ୨୧।୬



ବୈଠକରେ ଜିଲାପାଳ, ବିଧାୟକଙ୍କ ସହ ଅନ୍ୟମାନେ।

କଟକ ଜିଲା ପରିଷଦର ଦଶମ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଭର୍ଚ୍ଚୁଆଲ ମାଧ୍ୟମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଜିଲାରେ ଜଳସେଚନ ବ୍ୟବସ୍ଥା, ବିଭିନ୍ନ ଦୁର୍ବଳ ନଦୀବନ୍ଧ ମରାମତି, ନଦୀବନ୍ଧ ରାସ୍ତା ନିର୍ମାଣ, ଜଳ ନିଷ୍କାସନ, ଉଠା ଜଳସେଚନ ବ୍ୟବସ୍ଥା ସହ ସମ୍ଭାବ୍ୟ ବନ୍ୟାର ଦୃଢ଼ ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ୨୦୨୦-୨୧ ଆର୍ଥିକ ବର୍ଷର ଆବଦ୍ଧ ପାଣ୍ଠି ବିନିଯୋଗ ସମ୍ପର୍କରେ ଆଲୋଚନା କରାଯାଇ ଏହାର ସୁବିନିଯୋଗ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷର ୧୫ତମ କେନ୍ଦ୍ରୀୟ ସହାୟତା ଅର୍ଥ ଓ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଜିଲା ପରିଷଦ ଅଂଶର ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରମୋଦ କୁମାର ମଲ୍ଲିକ, ଚନ୍ଦ୍ରସାରଥି ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିଆର୍‌ଡିଏ ପିଡି ଅମ୍ବର କୁମାର କର, ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମହାଳିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।